# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୩ ◆ ଭୁବନେଶ୍ୱର ◆ ସୋମବାର ◆ ଜୁନ୍ ୧୫ରୁ ଜୁନ୍ ୨୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-43 ◆ Bhubaneswar ◆ Monday ◆ June 15 to June 21, 2026 ◆ Page-8 ◆ Price Rs.4.00


## ରଜ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ବନସ୍ତେ ଡାକିଲା ଗଜ...ବରଷକେ ଥରେ ଆସିଛି ରଜ...। ରବିବାର ଓଡ଼ିଶା ସଂସ୍କୃତି ଓ ପରମ୍ପରାର କୃଷିଭିତ୍ତିକ ଅନନ୍ୟ ଗଣପର୍ବ ରଜ ପର୍ବର ପ୍ରଥମ ଦିନ ତଥା ପହିଲି ରଜରେ ଏହି ଗୀତ ସାରା ଓଡ଼ିଶାରେ ଗୁଞ୍ଜରିତ ହୋଇଛି। ପିଠା ଖାଇ, ଦୋଳି ଖେଳି ଆନନ୍ଦ ଉଲ୍ଲାସ ସହ ରଜ ପାଳନ କରୁଛନ୍ତି ଓଡ଼ିଶାବାସୀ। ଗାଁଠୁ ସହର.. ସବୁଠି ପିଠା, ମିଠା ଆଉ ରଜପାନର ମହକ ସାଙ୍ଗକୁ ରଜ ମଉଜର ମାହୋଲ। ତେବେ ଏହି ଗଣପର୍ବକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, 'ଗଣପର୍ବ 'ରଜ' ଉପଲକ୍ଷେ ଦେଶବାସୀଙ୍କୁ, ବିଶେଷକରି ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ବର୍ଷାଋତୁର ଏହି ଆବାହନୀ ଉତ୍ସବ ମାଟି, ମା ଓ ମେଘକୁ ସମ୍ମାନ ଜଣାଇ ପାଳନ କରାଯାଏ। ପିଠା, ପାନ ଓ ଦୋଳି ଖେଳର ଆସର ଭିତରେ ରଜ ଆମକୁ ପ୍ରକୃତି ସହିତ ମିଳିମିଶି ରହିବାର ବାର୍ତ୍ତା ଦେଇଥାଏ। ରଜ ପର୍ବର ଏହି ବିଶେଷତ୍ୱ ଆମକୁ ଦେଶ-ବିକାଶରେ ବ୍ରତୀ ହେବା ପାଇଁ ପ୍ରେରଣା ଦେବ ବୋଲି ମୋର ଆଶା। ରଜ ଅବସରରେ ମୁଁ ରାଜ୍ୟ ତଥା ଦେଶବାସୀଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି।' ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, 'କୃଷିଭିତ୍ତିକ ଗଣପର୍ବ ରଜ ହେଉଛି ଓଡ଼ିଶାର ସଂସ୍କୃତି, ପ୍ରକୃତି, ପ୍ରଗତି ଏବଂ ପରମ୍ପରାର ମହାନ ପର୍ବ। ପରିବେଶ ସୁରକ୍ଷାର ବାର୍ତ୍ତା ଏହି ପର୍ବରେ ନିହିତ। ମା' ମାଟିର ମହନୀୟତାକୁ ପ୍ରତିପାଦିତ କରିବା ସହ ଭାଇଚାରା, ମୈତ୍ରୀ ଓ ସଦ୍ଭାବନାକୁ ସୁଦୃଢ଼ କରେ ଏହି ପର୍ବ। ହର୍ଷୋଲ୍ଲାସର ପର୍ବ ରଜ ଅବସରରେ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।' ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରଜର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଓଡ଼ିଆ ସଂସ୍କୃତିର ଏହି ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି।

# ଇନୋଭେସନ ଭାରତର ଡିଏନ୍ଏରେ ରହିଛି: ମୋଦୀ

## 'ଭାରତ ଇନୋଭେଟ୍ସ ୨୦୨୬' ଉଦ୍‌ଘାଟିତ

ପ୍ୟାରିସ,(ଏଜେନ୍ସି): ଇନୋଭେସନ ଭାରତର ଡିଏନରେ ରହିଛି। ହଜାର ହଜାର ବର୍ଷ ଧରି ଭାରତ ବିଶ୍ୱକୁ ଇନୋଭେସନରେ ଦିଗଦର୍ଶନ ଦେଇଆସୁଛି। ଭାରତ ଏବେ ଟେକ୍ନୋଲୋଜିର ଗ୍ରହଣକାରୀ ନୁହେଁ, ପ୍ରଦାନକାରୀ ସାଜିଛି ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଫ୍ରାନ୍ସ ରାଜଧାନୀ ପ୍ୟାରିସର ନାଇସ ସହରସ୍ଥିତ ପାଲାଇସ୍ ଡେସ୍ ଏକ୍ସପୋଜିସନ୍ସରେ 'ଭାରତ ଇନୋଭେଟ୍ସ ୨୦୨୬' ଉଦଘାଟନ ଅବସରରେ ମୋଦୀ ଏହା କହିଛନ୍ତି।



ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ରବିବାର ମିଳିତ ଭାବରେ 'ଭାରତ ଇନୋଭେଟ୍ସ ୨୦୨୬'ର ଉଦଘାଟନ କରିଛନ୍ତି। ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତର ଡିପ୍-ଟେକ୍ ଷ୍ଟାର୍ଟ-ଅପ୍ସ, ନବସୃଜନକାରୀ, ଗବେଷକ ଏବଂ ନିବେଶକମାନଙ୍କୁ ବିଶ୍ୱ ନବସୃଜନ ପାଣ୍ଠି ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଏହା ବିଶ୍ୱ ସ୍ତରରେ ଭାରତର ଅଗ୍ରଣୀ ଡିପ୍-ଟେକ୍‌ର ପ୍ରଦର୍ଶନ କରିଥାଏ ତଥା ୧୩ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି କ୍ଷେତ୍ରରେ ୧୨୦ ଉନ୍ନତ ଷ୍ଟାର୍ଟଅପ୍, ୨୦ରୁ ଅଧିକ ଉତ୍କର୍ଷ ପ୍ରତିଷ୍ଠାନର ଉପସ୍ଥାପିତ କରିଥାଏ। ବିଶ୍ୱର ୩୫୦ରୁ ଅଧିକ ଶ୍ରେଷ୍ଠ ନିବେଶକ ଏବଂ ଭେଞ୍ଚର କ୍ୟାପିଟାଲିଷ୍ଟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରନଙ୍କୁ ତାଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଭାରତ ଏବଂ ଫ୍ରାନ୍ସ ଉଭୟ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦୃଢ଼ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ସେ ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ଭାରତ-ଫ୍ରାନ୍ସ ମିଳିତ ପଦକ୍ଷେପ, ଏବଂ କୃତ୍ରିମ ବୁଦ୍ଧିମତ୍ତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷା ପ୍ରୋତ୍ସାହନ କ୍ଷେତ୍ରରେ ଆଲୋକପାତ କରିଥିଲେ। ପାଳନ ହେଉଥିବା ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ କଲ୍ୟାଣ ପାଇଁ କାମ କରିବା ପାଇଁ ଉଭୟ ଦେଶର ମିଳିତ ସଂକଳ୍ପରେ 'ଭାରତ ଇନୋଭେଟ୍ସ' ଆଉ ଏକ ମାଇଲଖୁଣ୍ଟ। ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବକୁ ଉଲ୍ଲେଖ କରି ସେ ଗ୍ରାମୀଣ ବିକାଶ ପାଇଁ ଏଆଇ ଏବଂ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ସମ୍ଭାବନା, ସ୍ଥାୟୀ ଜୀବନଯାପନ ପାଇଁ ଉନ୍ନତ ଉତ୍ପାଦନ, ଏବଂ ସ୍ୱଚ୍ଛ ବିକାଶ ପାଇଁ ସବୁଜ ହାଇଡ୍ରୋଜେନ୍, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଏବଂ ବୈଦ୍ୟୁତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡିଜିଟାଲ୍ ଯୁଗରେ ଚାଲିଥିବା ପ୍ରଯୁକ୍ତିବିଦ୍ୟା ବିପ୍ଳବ ମାନବଜାତି ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ, ସେ 'ଭାରତ ଇନୋଭେଟ୍ସ'ରେ ଏକତ୍ରିତ ହୋଇଥିବା ଉଦ୍ଭାବକ, ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଆହ୍ୱାନ କରିଥିଲେ ଯାହା ନିର୍ଭରଯୋଗ୍ୟ, ସମାବେଶୀ ଏବଂ ମାନବ-କେନ୍ଦ୍ରିକ ହୋଇଥିବ। ଏହା ହିଁ 'ଭାରତ ଇନୋଭେଟ୍ସ'ର ମୂଳ ବାର୍ତ୍ତା ବୋଲି ଉଲ୍ଲେଖ କରି ସେ ଉପସ୍ଥିତ ଲୋକମାନଙ୍କୁ ବିଶ୍ୱ ନବସୃଜନର ପରବର୍ତ୍ତୀ ଅଧ୍ୟାୟକୁ ମିଳିତଭାବେ ସୃଷ୍ଟି କରିବାରେ ଭାରତ ସହିତ ହାତ ମିଳାଇବାକୁ ଆମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ଜୈବ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ମହାକାଶ, ସ୍ୱାସ୍ଥ୍ୟସେବା, ଚିକିତ୍ସା-ପ୍ରଯୁକ୍ତିବିଦ୍ୟା, ଉନ୍ନତ ସାମଗ୍ରୀ ଏବଂ ସ୍ୱଚ୍ଛ ଶକ୍ତି ଭଳି ଅତ୍ୟାଧୁନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହା ପରେ ଉଭୟ ନେତା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ବିଭିନ୍ନ ଅଗ୍ରଣୀ କ୍ଷେତ୍ରର ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ।

## ସମ୍ପର୍କରେ ଲାଗିଲା ରକ୍ତଛିଟା

ଭୁବନେଶ୍ୱର,(ଜା.ପ୍ର): ପହିଲି ରଜରେ ଓଡ଼ିଶାର ଗାଁରୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ଥିବା ବେଳେ ଦୁଇଟି ପୃଥକ ସ୍ଥାନରେ ହତ୍ୟାକାଣ୍ଡ ଘଟିଛି। ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ତେର୍ତ୍ତାଙ୍ଗ ଗାଁରେ ବାପା-ମା'ଙ୍କର ଗଳା କାଟି ପୁଅ ହତ୍ୟା କରିଥିବାବେଳେ ଭଦ୍ରକ ଜିଲ୍ଲା ବନ୍ତ ଥାନା ଜିରିଣା ଗୁଡ଼ିଆସାହିରେ ଆଜି ଜଣେ ଯୁବକ ତାଙ୍କ ମା'ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ତେର୍ତ୍ତାଙ୍ଗ ଗାଁରେ ରବିବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ପୁଅ ନିଜ ବାପା ଓ ସାବତ ମା'ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ପୁଲିସ ତୁରନ୍ତ ପଦକ୍ଷେପ ନେଇ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏହି ବିବାଦ ଉଗ୍ର ରୂପ ନେବା ପରେ ଅଭିଯୁକ୍ତ ପୁଅ ନିଜ ବାପା ଓ ମା'ଙ୍କ ଉପରେ ଆକ୍ରମଣ କରିବା ସହ ଗଳା କାଟି ଦେଇଥିଲା। ଫଳରେ ଉଭୟ ବାପା ଏବଂ ମା'ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

ସେହିପରି ଭଦ୍ରକ ଜିଲ୍ଲା ବନ୍ତ ଥାନା ଜିରିଣା ଗୁଡ଼ିଆସାହିରେ ଆଜି ଜଣେ ଯୁବକ ତାଙ୍କ ମା'ଙ୍କୁ କୁରାଢ଼ୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାଁ ମମତା ସାହୁ। ତାଙ୍କ ପୁଅ ତଥା ଅଭିଯୁକ୍ତଙ୍କ ନାଁ ପ୍ରୀତମ ସାହୁ (୨୫)। ପାରିବାରିକ କଳହରୁ ପ୍ରୀତମ ତାଙ୍କ ମା'ଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ତାଙ୍କ ମା'ଙ୍କ ମୁଣ୍ଡକୁ ହାଣି ଦେଇଥିବା ଜଣାପଡ଼ିଛି।

## ମାଡ଼ିଗଲା ଟ୍ରେନ୍, ୪ ଯାତ୍ରୀ ମୃତ

ଭୋପାଳ,(ଏଜେନ୍ସି): ମଧ୍ୟପ୍ରଦେଶର ମୁରେନା ଜିଲ୍ଲାରେ ଏକ ସପ୍ତାହନ୍ତ ଟ୍ରେନ୍ ଦୁର୍ଘଟଣାରେ ମା'-ପୁଅଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୋବାଇଲ୍ ବ୍ଲାଷ୍ଟ ଯୋଗୁଁ ନିଆଁ ଲାଗିଯାଇଥିବା ଗୁଜବ ପ୍ରଚାରିତ ହେବା ପରେ ଉଦୟପୁର ଇଣ୍ଟରସିଟି ଏକ୍ସପ୍ରେସରୁ କିଛି ଯାତ୍ରୀ ଭୟଭୀତ ହୋଇ ତଳକୁ ଓହ୍ଲାଇପଡ଼ିଥିଲେ। ଏହି ସମୟରେ ୪ ଜଣ ଯାତ୍ରୀ ତରବରରେ ପାର୍ଶ୍ୱସ୍ଥ ଏକ ଟ୍ରେନ୍ ଲାଇନ୍ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଠିକ୍ ସେହି ସମୟରେ ଏକ ଦ୍ରୁତଗାମୀ ଟ୍ରେନ୍ (ଗାଡ଼ି ସଂଖ୍ୟା ୨୦୪୨୪ ଫିରୋଜପୁର-ସିଓନୀ ପାତାଲକୋଟ ଏକ୍ସପ୍ରେସ୍) ସେମାନଙ୍କ ଉପରେ ମାଡ଼ିଯାଇଥିଲା। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଏବଂ ଜଣେ ଶିଶୁ ସାମିଲ ଅଛନ୍ତି। ମୃତକମାନଙ୍କୁ ଉତ୍ତରପ୍ରଦେଶର ମିରଟ ନିବାସୀ ମୋହିତ୍ ସିଂହଙ୍କ ପତ୍ନୀ କାଞ୍ଚନ ସିଂହ (୨୫), ରୁନକତା ନିବାସୀ ଭୁରା ସିଂହଙ୍କ ପତ୍ନୀ ଶକୁନ୍ତଳା ସିଂହ (୬୦), ଆଗ୍ରା ନିବାସୀ ନଦୀମ୍‌ଙ୍କ ପତ୍ନୀ ଆଫରିନ୍ (୩୫) ଏବଂ ତାଙ୍କ ପୁଅ ଅସଦ୍ (୪)ଙ୍କର ମୃତ୍ୟୁ ଘଟିଛି। ଆଫରିନ୍ ଏବଂ ଅସଦ୍ ଉଭୟ ମା'-ପୁଅ ଥିଲେ। ରେଳବାଇ ପରିଚାଳନା କମିଟି ଅନୁଯାୟୀ, ଏହି ଦୁର୍ଘଟଣା ଉତ୍ତର ମଧ୍ୟ ରେଳବାଇର ଝାନ୍ସି ମଣ୍ଡଳ ଅନ୍ତର୍ଗତ ହେତମପୁର-ଧୌଲପୁର ରେଳଖଣ୍ଡରେ ଘଟିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଏବଂ ସ୍ଥାନୀୟ ପ୍ରଶାସନର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଳବାଇ ପକ୍ଷରୁ କୁହାଯାଇଛି ଯେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି ଏବଂ ପ୍ରାଥମିକ କାରଣଗୁଡ଼ିକର ଯାଞ୍ଚ କରାଯାଉଛି।

## ଐତିହ୍ୟ ସମ୍ପନ୍ନ ସମ୍ପତ୍ତିର ହେବ ସଂରକ୍ଷଣ, 'ହେରିଟେଜ୍ ପ୍ରପର୍ଟି ପ୍ରମୋସନ୍ ଗାଇଡ୍ ଲାଇନ୍ସ-୨୦୨୬' ଜାରି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ପୁରାତନ ଐତିହ୍ୟ ସମ୍ପନ୍ନ ଭବନ, ପ୍ରାସାଦ, ଦୁର୍ଗ ଓ ସାଂସ୍କୃତିକ ଗୁରୁତ୍ୱବହନ କରୁଥିବା ସମ୍ପତ୍ତିଗୁଡ଼ିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ପର୍ଯ୍ୟଟନ ସଂଶୋଧନ ନୀତି-୨୦୨୬ ଅଧୀନରେ ସରକାର 'ହେରିଟେଜ୍ ପ୍ରପର୍ଟି ପ୍ରମୋସନ୍ ଗାଇଡ୍ ଲାଇନ୍ସ-୨୦୨୬' ଜାରି କରିଛନ୍ତି। ନୂଆ ନୀତି ଅନୁଯାୟୀ, ୧୯୫୦ ମସିହା ପୂର୍ବରୁ ନିର୍ମିତ ଓ ସ୍ଥାପତ୍ୟ, ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଭବନଗୁଡ଼ିକୁ 'ହେରିଟେଜ୍ ପ୍ରପର୍ଟି' ଭାବେ ବିବେଚନା କରାଯିବ। ଏହି ଶ୍ରେଣୀରେ ହେରିଟେଜ୍ ହୋଟେଲ, ହେରିଟେଜ୍ ମ୍ୟୁଜିୟମ, ହେରିଟେଜ୍ ରେଷ୍ଟୁରାଣ୍ଟ/କାଫେଟେରିଆ ଓ ହେରିଟେଜ୍ ବ୍ୟାଙ୍କେ୍ୱଟକୁ ସାମିଲ କରାଯାଇ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ହେରିଟେଜ୍ ହୋଟେଲ ପାଇଁ ସର୍ବନିମ୍ନ ୫ଟି ରହଣୀୟ କକ୍ଷ, ରେଷ୍ଟୁରାଣ୍ଟରେ ଏକକାଳୀନ ୩୦ ଜଣଙ୍କ ବସିବା ସୁବିଧା ଏବଂ ବ୍ୟାଙ୍କେ୍ୱଟ୍ ପାଇଁ ଅତିକମରେ ୨୦ ଜଣଙ୍କ କ୍ଷମତା ସହ ୫୦୦ ବର୍ଗଫୁଟ୍ ର ନିର୍ମିତ କ୍ଷେତ୍ର ଥିବା ଅନିବାର୍ଯ୍ୟ।

ଗାଇଡଲାଇନ୍ ଅନୁଯାୟୀ, ଇଚ୍ଛୁକ ହେରିଟେଜ୍ ପ୍ରପର୍ଟି ମାଲିକଙ୍କୁ ସମ୍ପୃକ୍ତ ଭବନ ୧୯୫୦ ପୂର୍ବରୁ ନିର୍ମିତ ବୋଲି ରାଜସ୍ୱ ରେକର୍ଡ, ଐତିହାସିକ ଦଲିଲ, ଜିଲ୍ଲା ପ୍ରଶାସନ କିମ୍ବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏହାସହ ଅଗ୍ନି ସୁରକ୍ଷା ଅନୁପାଳନ ସହ ବିଦ୍ୟୁତ, ପାଣି ଓ ସ୍ୱଚ୍ଛତା ସୁବିଧା ଉପଲବ୍ଧ ଥିବା ଆବଶ୍ୟକ।

ଜାତୀୟ ଚେତନା
JATIYA CHETANA



### ଲୋକସଭା ବାଚସ୍ପତିଙ୍କୁ ଭେଟିଲେ ଟିଏମ୍‌ସି ସାଂସଦଙ୍କ ଉଭୟ ଗୋଷ୍ଠୀ

# ଅଲଗା ଗୋଷ୍ଠୀକୁ ମାନ୍ୟତା ନଦେବାକୁ ଅଭିଷେକଙ୍କ ଦାବି



କୋଲକାତା,(ଏଜେନ୍ସି): ଟିଏମ୍‌ସିରେ ବିଦ୍ରୋହର ବହ୍ନି ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁସାରେ ଟିଏମ୍‌ସିର ବିଦ୍ରୋହୀ ଗୋଷ୍ଠୀର ୧୭ ଜଣ ସାଂସଦ ରବିବାର ପ୍ରଥମେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ବାସଭବନରେ ପହଞ୍ଚିଥିଲେ। ଏହାପରେ ସେମାନେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ମୁଖ୍ୟତଃ ଟିଏମ୍‌ସିର କାକୋଲି ଘୋଷ ଦସ୍ତିଦାର, ଶତାବ୍ଦୀ ରାୟ ଏବଂ ସେମାନଙ୍କ ସହ ଅନ୍ୟ ନେତାମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବାସଭବନରେ ପହଞ୍ଚିଛନ୍ତି। ଏହାପୂର୍ବରୁ ବିଦ୍ରୋହୀ ଗୋଷ୍ଠୀର କେନ୍ଦ୍ର ମନ୍ତ୍ରୀ ତଥା ବେଙ୍ଗଲରେ ବିଜେପି ପ୍ରଭାରୀ ଭୂପେନ୍ଦ୍ର ଯାଦବଙ୍କ ବାସଭବନରେ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଅନ୍ୟପଟେ, ଟିଏମ୍‌ସି ସାଂସଦ କୀର୍ତ୍ତି ଆଜାଦ୍ ଏବଂ ସାଗରିକା ଘୋଷ ମଧ୍ୟ ବିର୍ଲାଙ୍କ ବାସଭବନରେ ପହଞ୍ଚିଥିଲେ। ବୈଠକ ପରେ ସେମାନେ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଏବଂ ୧୦ମ ଅନୁସୂଚୀର ଅନୁଚ୍ଛେଦ ୪ ଅନୁଯାୟୀ, ଦଳରେ ଅଲଗା ଗୋଷ୍ଠୀ କିମ୍ବା ବିଭାଜନର କୌଣସି ପ୍ରାବଧାନ ନାହିଁ। ସେମାନଙ୍କ କହିବାନୁସାରେ ଦଳ କେବଳ ୨୦ ଜଣ ସାଂସଦ କିମ୍ବା ୬୦ ଜଣ ବିଧାୟକଙ୍କୁ ନେଇ ଗଠିତ ହୋଇନାହିଁ। ମମତା ବାନାର୍ଜୀ ହିଁ ଏହି ଦଳକୁ ଗଢ଼ିଛନ୍ତି, ତେଣୁ ସିଏ ହିଁ ପ୍ରକୃତ ଦଳ। ଅନ୍ୟପକ୍ଷେ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି କହିଛନ୍ତି ଯେ ଗୃହରେ ଟିଏମ୍‌ସିକୁ କେବଳ ଗୋଟିଏ ଦଳ ଭାବରେ ଦେଖାଯାଉ। ଅନ୍ୟ କୌଣସି ଗୋଷ୍ଠୀକୁ ମାନ୍ୟତା ଦିଆନଯାଉ। ସୂଚନାଯୋଗ୍ୟ, ଟିଏମ୍‌ସିର ସମୁଦାୟ ୨୮ ଜଣ ଲୋକସଭା ସାଂସଦ ଅଛନ୍ତି। ଏହାବ୍ୟତୀତ ୧୩ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୪ ଜଣ ଇସ୍ତଫା ଦେବା ସହ ଦଳ ମଧ୍ୟ ଛାଡ଼ିଛନ୍ତି। ଅନ୍ୟପକ୍ଷେ ସାୟୋନୀ ଘୋଷ ଏବଂ ମାଲା ରାୟ ରବିବାର ଦିନ କୋଲକାତାରୁ ଦିଲ୍ଲୀରେ ପହଞ୍ଚିଛନ୍ତି। ପ୍ରକାଶ, ମମତା, ସାୟୋନୀ ଏବଂ ମାଲାଙ୍କୁ ଦଳୀୟ ପଦବୀରୁ ହଟାଇ ଦେଇଛନ୍ତି। ସାୟୋନୀ ଦଳର ଯୁବ ମର୍ଚ୍ଚା (ୟୁଥ୍ ୱିଙ୍ଗ) ସଭାପତି ଥିଲେ। ଅନ୍ୟପକ୍ଷେ ବିଦ୍ରୋହୀ ସାଂସଦ ଜଗଦୀଶ ବସୁନିଆ ସୂଚନା ଦେଇଛନ୍ତି ଯେ ଆମ ଗୋଷ୍ଠୀ ସୋମବାର ଦିନ ଲୋକସଭା ବାଚସ୍ପତିଙ୍କୁ ଭେଟିବ।

# କୁଆପଥର ବର୍ଷାରେ ୩୦% ସେଓ ନଷ୍ଟ

ଶ୍ରୀନଗର,(ଏଜେନ୍ସି): କାଶ୍ମୀରର ବାରାମୁଲା, ସୋପିଆନ୍, ଅନନ୍ତନାଗ, ପୁଲୱାମା ଏବଂ କୁଲଗାମରେ କୁଆପଥର (ବର୍ଷା) ଯୋଗୁଁ ସେଓ ଫସଲ ନଷ୍ଟ ହୋଇଯାଇଛି। ଏହି ସବୁ ଅଞ୍ଚଳକୁ 'ଆପଲ୍ ବାଉଲ୍' (ସେଓର ଗିନା) ବୋଲି କୁହାଯାଏ। ତେବେ ୨୨ ମିନିଟ୍ ଧରି କୁଆପଥର ବର୍ଷା ହେବା ଯୋଗୁ କାଶ୍ମୀରର ପ୍ରାୟ ୩୦% ସେଓ ନଷ୍ଟ ହୋଇଯାଇଛି। ଫଳରେ ସେଓ ଚାଷୀମାନଙ୍କ ପ୍ରାୟ ୪୦୦ କୋଟି ଟଙ୍କା ନଷ୍ଟ ହୋଇଯାଇଛି।

ଜମ୍ମୁ କାଶ୍ମୀର, ଭାରତର ପ୍ରମୁଖ ସେଓ ଉତ୍ପାଦକ ପ୍ରଦେଶ। ଦେଶର ସମୁଦାୟ ସେଓର ୭୦% କେବଳ ଏହି ଠାରୁ ହିଁ ଆସିଥାଏ ବା ଉତ୍ପାଦିତ ହୋଇଥାଏ। ପ୍ରତିବର୍ଷ ଏଥିରୁ ପ୍ରାୟ ୮ରୁ ୧୦ ହଜାର କୋଟି ଟଙ୍କାର ରାଜସ୍ୱ (ରେଭେନ୍ୟୁ) ମିଳିଥାଏ। ତେବେ ବିଗତ ଦୁଇ ମାସ ମଧ୍ୟରେ ପ୍ରବଳ ବର୍ଷା ଏବଂ କୁଆପଥର ମାଡ଼ ଯୋଗୁଁ ବାରାମୁଲା, ସୋପିଆନ୍, ଅନନ୍ତନାଗ ଏବଂ କୁଲଗାମ ସମେତ ଅନେକ ଜିଲ୍ଲାରେ ସେଓର ୮୦-୮୫% (ଅଶୀରୁ ପଞ୍ଚାଅଶୀ ପ୍ରତିଶତ) ଫସଲ ନଷ୍ଟ ହୋଇଯାଇଛି। ପ୍ରକାଶ, ଜୁନ୍ ମାସରେ ହିଁ ସେଓ ଆକାର ନେବା ଆରମ୍ଭ ହୋଇଥାଏ। କିନ୍ତୁ ନିକଟରେ (ଜୁନ୍ ୫ ଏବଂ ୯ ତାରିଖରେ) ହୋଇଥିବା କୁଆପଥର ବର୍ଷା ଯୋଗୁଁ ଏସବୁ ଝଡିପଡ଼ିଛି।

ଅଧିକାଂଶ ଚାଷୀଙ୍କର ୫୦%ରୁ ଅଧିକ ସେଓ ଚାଷ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ କେତେକ ୯୦%ରୁ ଅଧିକ ଫସଲ ହରାଇଛନ୍ତି। ଜମ୍ମୁ କାଶ୍ମୀର ପ୍ରାନ୍ତରେ ସେଓ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ଚାଷୀଙ୍କ କହିବାନୁସାରେ ଗୋଟିଏ ମାସ ମଧ୍ୟରେ ୭ ଥର କୁଆପଥର ମାଡ଼ ହୋଇଛି, ଯାହାଫଳରେ ସେଓ ବ୍ୟବସାୟ ସହ ଜଡ଼ିତ ପ୍ରାୟ ୧୨ ଲକ୍ଷ ଲୋକଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି। ପ୍ରତିବର୍ଷ କାଶ୍ମୀରରୁ ପ୍ରାୟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ସେଓ ସାରା ଦେଶକୁ ପଠାଯାଇଥାଏ, କିନ୍ତୁ ଚଳିତ ବର୍ଷ ୭ ଲକ୍ଷ ମେଟ୍ରିକ୍ ଟନ୍ ସେଓ ନଷ୍ଟ ହୋଇଯାଇଛି। ଯାହାଦ୍ୱାରା ସେଓ ଚାଷୀ ଓ ବ୍ୟବସାୟୀମାନେ ପ୍ରାୟ ୪୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି। ପ୍ରକାଶ, ଜମ୍ମୁକାଶ୍ମୀରର ମୋଟ୍ ଜିଡିପିର ପ୍ରାୟ ୮-୧୦% ଭାଗିଦାରୀ କେବଳ ଏହି ସେଓ ଚାଷରୁ ଆସିଥାଏ।

### ଇରାନ୍-ଆମେରିକା ଯୁଦ୍ଧରେ ଲାଗିଲା ବ୍ରେକ୍

# ଶାନ୍ତି ଚୁକ୍ତି ସ୍ୱାକ୍ଷରିତ, ବିଶ୍ୱ ଆଶ୍ୱସ୍ତ

ତେହରାନ୍, ୱାଶିଂଟନ୍,(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ଉପରେ ଆଲୋଚନା ହୋଇଛି। ତେବେ ଏହି ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ପାଇଁ ପ୍ରସ୍ତୁତ କରାଯାଇଥିବା ଡ୍ରାଫ୍ଟରେ ନ୍ୟୁକ୍ଲିୟର ପ୍ରୋଗ୍ରାମ, ଅଏଲ୍ ବ୍ୟାନ୍ (ତେଲ ରପ୍ତାନି କଟକଣା), ଫ୍ରିଜ୍ ପ୍ରପର୍ଟି (ଜବତ ସମ୍ପତ୍ତି) ଏବଂ ହର୍ମୁଜ୍ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଦ୍ୱିପାକ୍ଷିକ ସହମତି ପ୍ରକାଶ ପାଇଛି। ଜଣେ ବରିଷ୍ଠ ଇରାନୀ ଅଧିକାରୀଙ୍କ ସୂତ୍ରରୁ ରଏଟର୍ସର ନ୍ୟୁଜ୍ ଏଜେନ୍ସି ଏହି ଦାବି କରିଛି। ରିପୋର୍ଟ ଅନୁଯାୟୀ, ଡ୍ରାଫ୍ଟରେ ଇରାନ କହିଛି ଯେ, ଏହା ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ କିମ୍ବା ଅନ୍ୟ କୌଣସି ଦେଶରୁ ଏହାକୁ ହାସଲ କରିବ ନାହିଁ। ଚୂଡ଼ାନ୍ତ ଚୁକ୍ତି ହେବା ପର୍ଯ୍ୟନ୍ତ ଇରାନ ନିଜର ବର୍ତ୍ତମାନର ପରମାଣୁ କାର୍ଯ୍ୟକ୍ରମରେ କୌଣସି ବଡ଼ ପରିବର୍ତ୍ତନ କରିବ ନାହିଁ। ଏପରିକି ଏହା ୟୁରାନିୟମ୍‌ର



ସମୃଦ୍ଧିକରଣ ପ୍ରକ୍ରିୟାକୁ ମଧ୍ୟ ବନ୍ଦ ରଖିବ ଏବଂ ନୂତନ ନ୍ୟୁକ୍ଲିୟର ସେଣ୍ଟରଗୁଡ଼ିକର ସମ୍ପ୍ରସାରଣ ମଧ୍ୟ କରିବ ନାହିଁ। ଏତଦ୍‌ବ୍ୟତୀତ ଇରାନ ସମସ୍ତ ବ୍ୟବସାୟିକ ଜାହାଜ ପାଇଁ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବା ହର୍ମୁଜ୍ ପ୍ରଣାଳୀକୁ ତୁରନ୍ତ ଉନ୍ମୁକ୍ତ କରିବ। ଅନ୍ୟପକ୍ଷେ ଇରାନର ଏହି ପ୍ରତିଶ୍ରୁତି ଉପରେ ଆମେରିକା ମଧ୍ୟ ନିଜ ପକ୍ଷରୁ କିଛି ପ୍ରତିଶ୍ରୁତି ଦେଇଛି। ଯେପରିକି ଆମେରିକା, ଇରାନର ବନ୍ଦରଗୁଡ଼ିକ ଉପରେ ଲଗାଇଥିବା ନୌସେନା ନାକାବନ୍ଦୀ ହଟାଇବା ଆରମ୍ଭ କରିବ। ଆମେରିକା କିଛି ସମୟ ପାଇଁ ଇରାନର ତେଲ ରପ୍ତାନି ଉପରେ ଲାଗିଥିବା କଟକଣାରେ ମଧ୍ୟ କୋହଳ କରିବ। ଡ୍ରାଫ୍ଟ ଅନୁଯାୟୀ, ଆମେରିକା ଇରାନର ଜବତ ହୋଇଥିବା ୨୫ ଆରବ (ବିଲିୟନ) ଡଲାରର ସମ୍ପତ୍ତିକୁ ମୁକ୍ତ କରିବ। ଏହା ସହିତ ଆମେରିକା ନିଜର ସହଯୋଗୀ ଦେଶଗୁଡ଼ିକ ସହ ମିଶି ଇରାନର ପୁନଃବିକାଶ ଏବଂ ପ୍ରଗତି ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରିବ। ତେବେ ଉଭୟ ଦେଶର ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି। ପ୍ରକାଶ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ ଯେ, ରବିବାର ଦୁଇ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ହେବ ଏବଂ ଏହାପରେ ହର୍ମୁଜ୍ ପ୍ରଣାଳୀ ସମସ୍ତ ଜାହାଜ ପାଇଁ ଖୋଲି ଦିଆଯିବ। ଅନ୍ୟପକ୍ଷେ ଇରାନ ବୈଦେଶିକ ମନ୍ତ୍ରାଳୟ କହିଥିଲା ଯେ ରବିବାର ଦିନ ଚୁକ୍ତିନାମା ସ୍ୱାକ୍ଷରିତ ହେବ ନାହିଁ। ଆଲୋଚନା ଜାରି ରହିଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ତାରିଖ ସ୍ଥିର ହୋଇନାହିଁ। ଏସବୁ ଅନିଶ୍ଚିତତା ମଧ୍ୟରେ ଉଭୟ ଦେଶ ମଧ୍ୟରେ ରବିବାର ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି। ରିପୋର୍ଟ ଅନୁଯାୟୀ, ଆଜି ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର କେବଳ ଏକ ଅନ୍ତରୀଣ ଏମ୍‌ଓୟୁ। ଏହାପରେ ୬୦ ଦିନ ପର୍ଯ୍ୟନ୍ତ ପରମାଣୁ କାର୍ଯ୍ୟକ୍ରମ, କଟକଣାରୁ କୋହଳ ଏବଂ ହର୍ମୁଜ୍ ପ୍ରଣାଳୀର ପରିଚାଳନା ଭଳି ପ୍ରସଙ୍ଗ ଉପରେ ବୈଷୟିକ ଆଲୋଚନା ଚାଲିବ। ଏହାରି ମଧ୍ୟରେ ସିଏନ୍‌ଏନ୍ ପକ୍ଷରୁ ଆଉ ଏକ ରିପୋର୍ଟ ମଧ୍ୟ ସାମ୍ନାକୁ ଆସିଛି ଯେ, ଇରାନ ନିଜର ଇସ୍ଫାହାନ ପରମାଣୁ କେନ୍ଦ୍ରରେ ରଖାଯାଇଥିବା ଅତ୍ୟଧିକ ସମୃଦ୍ଧ ୟୁରାନିୟମଗୁଡ଼ିକୁ ଲୁଚାଇବା ପାଇଁ ଏଠାକୁ ପର୍ଯ୍ୟନ୍ତ ପହଞ୍ଚିଥିବା ଅନେକ ସୁଡ଼ଙ୍ଗକୁ ବନ୍ଦ କରିଦେଇଛି ଏବଂ ସେହି ରାସ୍ତାଗୁଡ଼ିକରେ ବିସ୍ଫୋରକ ମାଇନ୍ ବିଛାଇ ଦେଇଛି।

## 'ଧରତୀ କା ଡାକ୍ତର' ମୃତ୍ତିକା ପରୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ହରିଦ୍ୱାର,(ଏଜେନ୍ସି): ହରିଦ୍ୱାର ସ୍ଥିତ ପତଞ୍ଜଳି ପରିସରରେ ଜୁନ୍ ୧୧ରୁ ୧୩, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ତିନି ଦିନିଆ 'ଧରତୀ କା ଡାକ୍ତର (ଡିକେଡି) ମୃତ୍ତିକା ପରୀକ୍ଷା କୌଶଳ' ପ୍ରଶିକ୍ଷଣ ଶିବିର ସଫଳତାର ସହ ଶେଷ ହୋଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନ (ପିଆର୍‌ଏଫ୍), ସମୃଦ୍ଧ ଗ୍ରାମ ଏବଂ ଉତ୍ତରାଖଣ୍ଡ ଷ୍ଟେଟ୍ ରୁରାଲ୍ ଲାଇଭ୍‌ଲିହୁଡ୍ ମିଶନ (ୟୁଏସ୍‌ଆର୍‌ଏଲ୍‌ଏମ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଦ୍ୱାର ଜିଲ୍ଲାର 'କୃଷି ସଖୀ' (ମହିଳା କୃଷକ)ମାନେ ଅଂଶଗ୍ରହଣ କରିଥିଲେ।

ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଅନୁଯାୟୀ, ରସାୟନିକ ମୁକ୍ତ ଚାଷ ଏବଂ ପ୍ରାକୃତିକ ସମୃଦ୍ଧି ଆଣିବା ପତଞ୍ଜଳିର ମୂଳ ଲକ୍ଷ୍ୟ। ମାଟି ସୁସ୍ଥ ରହିଲେ ହିଁ ଦେଶ ନିରୋଗ ଓ ଆତ୍ମନିର୍ଭରଶୀଳ ହେବ। ଡା. ୟଶପାଲ ସିଂହ କହିଛନ୍ତି ଯେ ମୃତ୍ତିକା ପରୀକ୍ଷା ଦ୍ୱାରା ହିଁ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରିବ। ବିଜ୍ଞାନ ସମ୍ମତ ଚାଷ ପାଇଁ ମାଟିରେ ଥିବା ପୋଷକ ତତ୍ତ୍ୱର (ଏନ୍, ପି, କେ) ସୂଚନା ରହିବା ଜରୁରୀ। ଏହି ଅବସରରେ କୃଷି ବିଶେଷଜ୍ଞମାନେ (ଡା. ବେଦପ୍ରିୟା ଆର୍ଯ୍ୟା, ଡା. କେ.ଏନ. ଶର୍ମା ଏବଂ କୃଷି ଅନୁସନ୍ଧାନ କେନ୍ଦ୍ର (ଏଆରସି) ଟିମ୍) ପ୍ରତିଭାଗୀମାନଙ୍କୁ ଡିକେଡି କିଟ୍ ମାଧ୍ୟମରେ ମାଟି ନମୁନା ସଂଗ୍ରହ କରିବା ଠାରୁ ଆରମ୍ଭ କରି ରିପୋର୍ଟ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ପ୍ରାକ୍ଟିକାଲ୍ ପ୍ରଶିକ୍ଷଣ ଦେଇଥିଲେ। ସୁଶୀଲ କୁମାର ଅଗ୍ରୱାଲ ଗ୍ରାମୀଣ ମହିଳା ଓ ଯୁବକମାନଙ୍କୁ ଏହି କୌଶଳ ମାଧ୍ୟମରେ ସ୍ୱରୋଜଗାର କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ସମସ୍ତ ସଫଳ ପ୍ରତିଭାଗୀମାନଙ୍କର ମୂଲ୍ୟାଙ୍କନ କରାଯାଇ ସେମାନଙ୍କୁ ପ୍ରମାଣପତ୍ର ଏବଂ ଡିକେଡି କିଟ୍ ପ୍ରଦାନ କରାଯାଇଥିଲା, ଯାହାଦ୍ୱାରା ସେମାନେ ନିଜ ଅଞ୍ଚଳରେ କାମ ଆରମ୍ଭ କରିପାରିବେ।

# କୂଅକୁ ଖସିଲା ପିକ୍‌ଅପ୍, ୮ ମୃତ

ସୋଲାପୁର,(ଏଜେନ୍ସି): ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ରବିବାର ଦିନ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ମାଲସିରସ ତହସିଲର ତନ୍ଦୁଲୱାଡ଼ି ଗ୍ରାମ ନିକଟରେ ୧୫ ଜଣଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଭୀର କୂଅ ଭିତରକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ପୁଲିସ୍ ସୂଚନାନୁସାରେ ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ, ଯାହାଫଳରେ ପିକ୍‌ଅପ୍ ଗାଡ଼ିଟି ସିଧାସଳଖ କୂଅ ଭିତରକୁ ଗଳି ପଡ଼ିଥିଲା। ସେହିପରି ସୋଲାପୁରର ପୁଲିସ୍ ସୁପରିଟେଣ୍ଡେଣ୍ଟ (ଏସ୍‌ପି) ଅତୁଲ କୁଲକର୍ଣ୍ଣୀ ଜଣାଇଛନ୍ତି ଯେ ମୃତକଙ୍କ ମଧ୍ୟରେ ୪ମହିଳା ଏବଂ ୪ ଶିଶୁ ସାମିଲ ଅଛନ୍ତି। ଦୁର୍ଘଟଣାରେ ଆହତ ହୋଇଥିବା ୭ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଛି। ପୁଲିସ୍ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସାରିଛନ୍ତି। ଗାଡ଼ିକୁ କୂଅ ଭିତରୁ ବାହାର କରିବା ପାଇଁ କାର୍ଯ୍ୟ ଜାରି ରହିଛି ଏବଂ ଦୁର୍ଘଟଣାର ପ୍ରକୃତ କାରଣର ଅନୁସନ୍ଧାନ କରାଯାଉଛି।

# ବାୟୁସେନା ବିମାନ କ୍ରାଶ୍, ୫ ସହିଦ

ନୂଆଦିଲ୍ଲୀ,(ଏଜେନ୍ସି): ଆସାମର ଜୋରହାଟ ବାୟୁସେନା ଷ୍ଟେସନରେ ଭାରତୀୟ ବାୟୁସେନା(ଆଇଏଏଫ୍)ର ଏଏନ୍-୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରତୀୟ ବାୟୁସେନା ଅନୁଯାୟୀ, ଏଏନ୍-୩୨ ଜୋରହାଟ ଏୟାରବେସ୍‌ରେ ଅବତରଣ କରିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ପାଞ୍ଚ ଜଣ ବାୟୁସେନା କର୍ମଚାରୀ ସହିଦ ହୋଇଥିବାବେଳେ ସହ ପାଇଲଟଙ୍କୁ ଉଦ୍ଧାର କରାଯାଇଛି। ୫ ଜଣ ସହିଦ ହେଲେ ସ୍କ୍ୱାର୍ଡନ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ ଲେଫ୍ଟନାଣ୍ଟ ଶୁଭମନ କୁମାର, ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ବାୟୁ ଖେମରାମ କୁମାୱତ ଓ ଅଗ୍ନିବୀର ବାୟୁ ଦାନିଶ ଆଲମ।କ୍ରାଶ ପରେ ଏଥିରେ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣାର କାରଣ ନିର୍ଣ୍ଣୟ କରିବା ପାଇଁ ଭାରତୀୟ ବାୟୁସେନା ପକ୍ଷରୁ କୋର୍ଟ ଅଫ୍ ଇନକ୍ୱାରୀ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାଥମିକ ଆକଳନରୁ ଜଣାପଡ଼ିଛି ଯେ ବିମାନଟି ନିୟମିତ ଉଡ଼ାଣ ପରେ ଏୟାରବେସ୍‌ରେ ଲ୍ୟାଣ୍ଡିଂ କରୁଥିଲା। କିନ୍ତୁ ଲ୍ୟାଣ୍ଡିଂ ସମୟରେ ଏହା କ୍ରାଶ କରିଯାଇଥିଲା। ଏହାପରେ ବିମାନରେ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିମାନଟି ମଝିରୁ ପୂରା ଦୁଇ ଖଣ୍ଡ ହୋଇଯାଇଛି।ବିମାନରେ ୬ ଜଣ ସଦସ୍ୟ ଥିଲେ। ଏଥିରେ ୫ ଜଣ ସହିଦ ହୋଇଥିବାବେଳେ ସହ ପାଇଲଟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାୟୁସେନାର ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ବିମାନଟି କ୍ରାଶ କଲା ଓ ଅଗ୍ନିକାଣ୍ଡ ଘଟିଲା, ତା'ର ତଥ୍ୟ ଅଧିକାରୀମାନେ ସଂଗ୍ରହ କରୁଛନ୍ତି।

ଏଏନ୍-୩୨ ହେଉଛି ଏକ ସୋଭିଏତ୍ ଅରିଜିନ୍, ଯୁଗ୍ମ-ଇଞ୍ଜିନ୍ କୌଶଳଗତ ହାଲୁକା ସାମରିକ ପରିବହନ ବିମାନ, ଯାହାକୁ ୟୁକ୍ରେନର ଆଣ୍ଟୋନୋଭ୍ ଡିଜାଇନ୍ ବ୍ୟୁରୋ ଦ୍ୱାରା ଡିଜାଇନ୍ କରାଯାଇଛି। ଭାରତୀୟ ବାୟୁସେନାର ଆବଶ୍ୟକତା ପୂରଣ କରିବା ପାଇଁ ବିଶେଷ ଭାବେ ବିକଶିତ, ଏହି ବିମାନଟି ପୁରୁଣା ଏଏନ୍-୨୬ ମଡେଲରୁ ନିଆଯାଇଛି କିନ୍ତୁ ଡେଣା ଉପରେ ସ୍ଥାପିତ ଯଥେଷ୍ଟ ଅଧିକ ଶକ୍ତିଶାଳୀ ଇଞ୍ଜିନ୍ ରହିଛି। ଏହି ଅନନ୍ୟ ଡିଜାଇନ୍ ଏହାକୁ ଅତ୍ୟନ୍ତ ଉଚ୍ଚ ପାର୍ବତ୍ୟ ପରିବେଶରେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିବାକୁ ଅନୁମତି ଦିଏ।

ଜାତୀୟ ଚେତନା
JATIYA CHETANA



## ଘର ଭଡ଼ା ବ୍ୟବସ୍ଥାରେ ସଂସ୍କାର

# ଏଣିକି ଲିଖିତ ଭଡ଼ା ଚୁକ୍ତି ହେବ ବାଧ୍ୟତାମୂଳକ

ଭୁବନେଶ୍ୱର,(ଜା.ପ୍ର): ଘର ଭଡ଼ା ବ୍ୟବସ୍ଥାରେ ବଡ଼ ସଂସ୍କାର। ବଦଳିବ ୫୯ ବର୍ଷର ପୁରୁଣା ଆଇନ। ଘର ମାଲିକ-ଭଡ଼ାଟିଆ ବିବାଦର ହେବ ଶୀଘ୍ର ସମାଧାନ। ଗଠନ ହେବ ସ୍ୱତନ୍ତ୍ର ନ୍ୟାୟାଳୟ। ଏଣିକି ମୌଖିକ ନୁହେଁ, ଲିଖିତ ଚୁକ୍ତିରେ ହେବ ଘର ଭଡ଼ା। ରାଜ୍ୟରେ ଘର ଭଡ଼ା ବ୍ୟବସ୍ଥାକୁ ଆଧୁନିକ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ରାଜ୍ୟ ସରକାର 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬'ର ଚିଠା ପ୍ରକାଶ କରିଛନ୍ତି। କେନ୍ଦ୍ରର ମଡେଲ ଟେନାନ୍ସି ଆକ୍ଟକୁ ଆଧାର କରି ପ୍ରସ୍ତୁତ ଏହି ଚିଠା ଆଇନରେ ଘରମାଲିକ ଓ ଭଡ଼ାଟିଆଙ୍କ ଅଧିକାର, ଦାୟିତ୍ୱ ଓ ବିବାଦ ସମାଧାନ ପାଇଁ ବ୍ୟାପକ ବ୍ୟବସ୍ଥା ରହିଛି। ଯାହା ଫଳରେ ଏଣିକି ଲିଖିତ ଭଡ଼ା ଚୁକ୍ତି ବାଧ୍ୟତାମୂଳକ ହେବ। ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷର ହେବା ପରେ ତାହାକୁ ଦୁଇ ମାସ ମଧ୍ୟରେ ଭଡ଼ା ପ୍ରାଧିକରଣ ଓ ସ୍ଥାନୀୟ ଥାନାରେ ପଞ୍ଜୀକରଣ କରିବାକୁ ପଡ଼ିବ। ସରକାର ଏକ ଅନଲାଇନ୍ ପୋର୍ଟାଲ୍ ଖୋଲିବେ, ଯେଉଁଠାରେ ସମସ୍ତ ଭଡ଼ା ଚୁକ୍ତି ପଞ୍ଜୀକୃତ ହେବ। ପ୍ରତ୍ୟେକ ଚୁକ୍ତିକୁ ଏକ ୟୁନିକ୍ ଆଇଡି ନମ୍ବର ମିଳିବ। ଏହା ଦ୍ୱାରା ଭଡ଼ା ସମ୍ପର୍କିତ ବିବାଦରେ ତଥ୍ୟ ଯାଞ୍ଚ ସହଜ ହେବ। ଆଇନରେ ଉଭୟ ପକ୍ଷର ଅଧିକାର ଓ ଦାୟିତ୍ୱ ସ୍ପଷ୍ଟ କରାଯାଇଛି। ଘରମାଲିକ ଭଡ଼ା ଆଦାୟ କରିବାର ଅଧିକାର ପାଇବେ, ସେହିପରି ଭଡ଼ାଟିଆ ମଧ୍ୟ ଚୁକ୍ତି ଅନୁଯାୟୀ ଘର ବ୍ୟବହାର କରିବାର ଅଧିକାର ପାଇବେ। ଘରଭଡ଼ା ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ପାରସ୍ପରିକ ସହମତିରେ ସ୍ଥିର ହେବ। ଭଡ଼ା ନିର୍ଦ୍ଧାରଣ ପାଇଁ ସରକାର କୌଣସି ସୀମା ଧାର୍ଯ୍ୟ କରିବେ ନାହିଁ। ଚୁକ୍ତିରେ ଉଲ୍ଲେଖ ଥିଲେ ଘରମାଲିକ ଭଡ଼ା ବଢ଼ାଇପାରିବେ। ଘରର ଉନ୍ନତିକରଣ, ନୂଆ ନିର୍ମାଣ କିମ୍ବା ଗଠନମୂଳକ ପରିବର୍ତ୍ତନ ପରେ ମଧ୍ୟ ଭଡ଼ା ବୃଦ୍ଧିର ବ୍ୟବସ୍ଥା ରହିଛି। ଘରମାଲିକଙ୍କ ଲିଖିତ ଅନୁମତି ବିନା ଭଡ଼ାଟିଆ ଘରର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ଘର ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ। ଏପରି ଚୁକ୍ତି ହେଲେ ତାହା ମଧ୍ୟ ପଞ୍ଜୀକୃତ କରିବାକୁ ପଡ଼ିବ। ଚିଠା ଆଇନରେ ଭଡ଼ା ଚୁକ୍ତି ସମୟରେ ନିଆଯାଉଥିବା ସୁରକ୍ଷା ଜମାରାଶି ସମ୍ପର୍କରେ ମଧ୍ୟ ବ୍ୟବସ୍ଥା ରହିଛି। ଏହାକୁ ନେଇ ଭବିଷ୍ୟତରେ ବିବାଦ କମିବ ବୋଲି ଆଶା କରାଯାଉଛି। କେଉଁ କାମ ଘରମାଲିକ କରିବେ ଏବଂ କେଉଁ କାମ ଭଡ଼ାଟିଆ କରିବେ, ସେନେଇ ସ୍ପଷ୍ଟ ନିୟମ ରହିଛି। ଏହା ମରାମତିକୁ କେନ୍ଦ୍ର କରି ହେଉଥିବା ବିବାଦକୁ କମାଇବ। ଘରମାଲିକଙ୍କୁ ଭଡ଼ା ନେବା ପରେ ଭଡ଼ାଟିଆଙ୍କୁ ରସିଦ ପ୍ରଦାନ କରିବାକୁ ହେବ। ଏହା ଭଡ଼ା ଦେୟକୁ ନେଇ ଭବିଷ୍ୟତ ବିବାଦ ଏଡ଼ାଇବ। ପ୍ରତ୍ୟେକ ଅଞ୍ଚଳରେ ଭଡ଼ା ପ୍ରାଧିକରଣ ନିଯୁକ୍ତ ହେବେ। ଭଡ଼ା ଚୁକ୍ତି ପଞ୍ଜୀକରଣ, ଅଭିଯୋଗ ଶୁଣାଣି ଓ ବିବାଦ ସମାଧାନର ପ୍ରଥମ ସ୍ତର ଭାବେ ଏହି ପ୍ରାଧିକରଣ କାର୍ଯ୍ୟ କରିବେ। ଭଡ଼ା ସମ୍ବନ୍ଧୀୟ ମାମଲାର ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ଭଡ଼ା ନ୍ୟାୟାଳୟ ଓ ଭଡ଼ା ନ୍ୟାୟାଧିକରଣ ଗଠନ ହେବ। ଏହା ଦ୍ୱାରା ବର୍ଷ ବର୍ଷ ଧରି ଅଦାଲତରେ ପଡ଼ି ରହୁଥିବା ମାମଲାର ଶୀଘ୍ର ସମାଧାନ ସମ୍ଭବ ହେବ। ଚୁକ୍ତିର ଅବଧି ଶେଷ ପରେ ଭଡ଼ାଟିଆ ଘର ଖାଲି ନକଲେ ତାଙ୍କ ଉପରେ ବର୍ଦ୍ଧିତ ଭଡ଼ା ଲାଗୁ ହେବ। ଏହା ଦ୍ୱାରା ଘରମାଲିକଙ୍କୁ ଘର ଫେରସ୍ତ ପାଇବା ସହଜ ହେବ।ଘରମାଲିକ କିମ୍ବା ଭଡ଼ାଟିଆଙ୍କ ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀମାନେ ଚୁକ୍ତିର ଅବଶିଷ୍ଟ ସମୟ ପାଇଁ ସମାନ ଅଧିକାର ଓ ଦାୟିତ୍ୱ ପାଇବେ। ନୂଆ ଆଇନ କାର୍ଯ୍ୟକାରୀ ହେବା ପରେ 'ଓଡ଼ିଶା ହାଉସ୍ ରେଣ୍ଟ କଣ୍ଟ୍ରୋଲ୍ ଆକ୍ଟ, ୧୯୬୭' ଏବଂ ୧୯୭୪ ସଂଶୋଧନ ଆଇନ ରଦ୍ଦ ହୋଇଯିବ। ଦୀର୍ଘ ଦିନ ଧରି ଓଡ଼ିଶାରେ ଭଡ଼ା ବ୍ୟବସ୍ଥା ୧୯୬୭ ଆଇନ ଅନୁସାରେ ଚାଲୁଥିଲା। ନୂଆ ଆଇନ କାର୍ଯ୍ୟକାରୀ ହେଲେ ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଥିବା ଅନିଶ୍ଚିତତା ଦୂର ହେବ, ଖାଲି ପଡ଼ିଥିବା ଘର ବଜାରକୁ ଆସିବ ଏବଂ ଭଡ଼ା ବିବାଦର ତ୍ୱରିତ ସମାଧାନ ପାଇଁ ସ୍ୱତନ୍ତ୍ର ନ୍ୟାୟିକ ବ୍ୟବସ୍ଥା ସୃଷ୍ଟି ହେବ।

# ଏଲ୍ ନିନୋକୁ ମାତ୍ ଦେବ ଓଡ଼ିଶା !

ଭୁବନେଶ୍ୱର,(ଜା.ପ୍ର): ପ୍ରଶାନ୍ତ ମହାସାଗରର ଭୟଙ୍କର ଜଳବାୟୁ ଏଲ୍ ନିନୋ ସକ୍ରିୟ ହେବାପରେ ଟେନ୍‌ସନ୍‌ରେ ସାରା ବିଶ୍ୱ। ଏହାରି ଭିତରେ ଏଲ୍ ନିନୋକୁ ନେଇ ଆଗୁଆ ସତର୍କ ହୋଇଛନ୍ତି ରାଜ୍ୟ ସରକାର। ରାଜ୍ୟରେ ବିଜେପି ଶାସନର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହା ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ୧୫୦ ବର୍ଷ ତଳେ ବିଶ୍ୱରେ ହାହାକାର ମଚାଇଥିଲା ଏଲ ନିନୋ। ଏଣୁ ଆଗକୁ ଆସୁଥିବା ଏଲନିନୋକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ସଫଳତାର ସହ ମୁକାବିଲା ପାଇଁ ସରକାର ସଜାଗ ଅଛନ୍ତି।



ସେପଟେ ଏଲନିନୋକୁ ନେଇ ବିଚଳିତ ନ ହେବାକୁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ଏଲ ନିନୋ ସତ୍ତ୍ୱେ ରାଜ୍ୟରେ ସ୍ୱାଭାବିକ ବର୍ଷା ହେବ। କମ୍ ବର୍ଷା ହେଲେ ପ୍ଲାନ ଟୁ ଓ ଥ୍ରୀ ସହିତ ସରକାର ପ୍ରସ୍ତୁତ ଅଛନ୍ତି। ରଜ ସମୟରେ ଆବଶ୍ୟକ ୧୪୫୨ ସେଣ୍ଟିମିଟରରୁ କମ୍ ବର୍ଷା ହେଲେ ସଂରକ୍ଷିତ ଜଳାଶୟ ଓ ଅନ୍ୟ ଜଳସେଚନ ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ବେଶି ସମସ୍ୟା ହେବନି ବୋଲି ପୂର୍ବାନୁମାନ କହୁଛି। ଆବଶ୍ୟକ ହେଉଥିବା ୧୪୫୨ ସେଣ୍ଟିମିଟର ବର୍ଷାରୁ କମ୍ ହେବ ନାହିଁ। ଯଦି ବି ହେଲା, ସେଥିପାଇଁ କିପରି ଜଳାଶୟ ସଂରକ୍ଷଣ ଏବଂ ଅନ୍ୟାନ୍ୟ ଜଳସେଚନର ପ୍ରକଳ୍ପ ଗୁଡିକୁ ପ୍ରସ୍ତୁତ କରିଯିବ ସେନେଇ ସବୁ ବିଭାଗ ସହ କଥାବାର୍ତ୍ତା ସରିଛି। ଚାଷୀମାନଙ୍କୁ ଅନୁରୋଧ ବିଚଳିତ ହୁଅନ୍ତୁ ନାହିଁ। ସରକାର ପ୍ଲାନ ୨,୩ ପ୍ରସ୍ତୁତ ରଖିଛନ୍ତି। ତେବେ ତମାମ ଆଶାଆଶଙ୍କା ଭିତରେ ରାଜ୍ୟ ପାଇଁ ଆଶ୍ୱସ୍ତିକର ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ବିଶେଷଙ୍କ ମତରେ, ଚଳିତ ମାସ ଶେଷ ସପ୍ତାହରୁ ହିଁ ରାଜ୍ୟରେ ବର୍ଷା ଲାଗିରହିବ। ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥିଲେ ହେଁ ସାରା ଓଡ଼ିଶାକୁ ଅଗ୍ରସର ହେବାକୁ ଆହୁରି ଦଶ ଦିନ ଲାଗିବ। ତେବେ ଜୁନ ୨୧ରୁ ବଙ୍ଗୋପସାଗରରେ ଦୁଇ ଦୁଇଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିଭଳି ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ବେଳକୁ ଆଇଓଡି ବା ଇଣ୍ଡିଆନ ଓସେନ ଡାଏପୋଲ୍ ସ୍ଥିତି ପଜିଟିଭ ହୋଇ ଏଲ୍ ନିନୋ ପ୍ରଭାବକୁ ହ୍ରାସ କରିପାରେ। ଏଣୁ ରାଜ୍ୟରେ ସ୍ୱାଭାବିକରୁ ମଧ୍ୟମ ଧରଣ ବର୍ଷା ହେବା ଆଶା କରାଯାଉଛି। ୨୦୧୫, ୨୦୨୨ ଓ ୨୦୨୩ରେ ବି ଏଲ ନିନୋକୁ ସାମ୍ନା କରିଥିଲା ଦେଶ। ତଥାପି ଭାରତ ସମେତ ଓଡ଼ିଶାରେ ମୌସୁମୀ ଋତୁରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିଲା।

# ସହରାଞ୍ଚଳବାସୀଙ୍କୁ ଯୋଗାଇ ଦିଆଯିବ ଭଡ଼ା ଘର

ଭୁବନେଶ୍ୱର,(ଜା.ପ୍ର): ସହରାଞ୍ଚଳବାସୀଙ୍କୁ ଯୋଗାଇ ଦିଆଯିବ ଭଡ଼ା ଘର। ରାଜ୍ୟର ସହରାଞ୍ଚଳରେ ବାସସ୍ଥାନ ସମସ୍ୟା ଦୂର କରିବା ଏବଂ ଭଡ଼ାଟିଆଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ନୂଆ ରେଣ୍ଟାଲ ହାଉସିଂ ପଲିସି ଆଣିଛନ୍ତି। ଏନେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଭଡ଼ାରେ ଘର ଯୋଗାଇ ଦେବାକୁ ସରକାର ଏହି ପଲିସି ଆଣିଛନ୍ତି। ରାଜଧାନୀକୁ ଅନେକ ଲୋକ ଆସୁଛନ୍ତି, ସେମାନଙ୍କୁ ଭଡ଼ା ଘର ମିଳୁନି, ତେଣୁ ବସ୍ତି ବଢୁଛି। ସହରରେ ବସ୍ତି ନ ବଢ଼ିବା ପାଇଁ ଭଡ଼ାରେ ଘର ଯୋଗାଇ ଦେବେ ସରକାର। ଏଥିସହ ସରକାର ଆୱାସ ଯୋଜନାରେ ଘର କରି ଭଡ଼ାରେ ଦେବେ। ସବୁ ସହରାଞ୍ଚଳରେ ରେଣ୍ଟାଲ ହାଉସ୍ ତିଆରି କରାଯିବ। ଅବ୍ୟବହୃତ ଘର ଚିହ୍ନଟ କରି କମ୍ ରେଟ୍ ରେ ଭଡ଼ା ଦିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରକୁ ପ୍ରତିଦିନ ବହୁ ଲୋକ ରୋଜଗାର, ଶିକ୍ଷା ଓ ବ୍ୟବସାୟିକ କାରଣରୁ ଆସୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ସୁଲଭ ଦରରେ ଭଡ଼ା ଘର ଉପଲବ୍ଧ ହେଉ ନ ଥିବାରୁ ବସ୍ତି ବସତି ବୃଦ୍ଧି ପାଉଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ରେଣ୍ଟାଲ ହାଉସିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଞ୍ଚଳରେ ପର୍ଯ୍ୟାୟକ୍ରମେ ରେଣ୍ଟାଲ ହାଉସ୍ ନିର୍ମାଣ କରାଯିବ। ଏଥିସହ ସରକାରୀ ଆବାସ ଯୋଜନା ଅଧୀନରେ ନିର୍ମିତ ଘରଗୁଡ଼ିକୁ ମଧ୍ୟ ଭଡ଼ାରେ ଦିଆଯିବାର ବ୍ୟବସ୍ଥା କରାଯିବ। ଫଳରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଲୋକମାନେ ସହଜରେ ଘର ପାଇପାରିବେ।ନୂଆ ପଲିସିରେ ଅବ୍ୟବହୃତ ଓ ଖାଲି ପଡ଼ିଥିବା ଘରଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯିବ। ଏହି ଘରଗୁଡ଼ିକୁ ନିର୍ଦ୍ଧାରିତ ପ୍ରକ୍ରିୟାରେ ସାମିଲ କରି କମ୍ ଦରରେ ଭଡ଼ାରେ ଦେବା ପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଢେପାଗୁଡା ରିଜର୍ଭ ଫରେଷ୍ଟରେ ମାଓ ଡମ୍ପ ଠାବ

ଭୁବନେଶ୍ୱର,(ଜା.ପ୍ର):ରାୟଗଡ଼ା ଜିଲ୍ଲା ଆମ୍ବଦଳା ଥାନା ଅନ୍ତର୍ଗତ ଢେପାଗୁଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ବନ୍ଧୁକ, ଗୁଳି ଓ ବିପୁଳ ପରିମାଣର ମାଓ ସାମଗ୍ରୀ ରାୟଗଡ଼ା ପୁଲିସ ଜବତ କରିଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାୟଗଡା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପଚରାଉଚରା ସମୟରେ ମିଳିଥିବା ତଥ୍ୟ ଅନୁଯାୟୀ ଆମ୍ବଦଳା ଥାନା ଅନ୍ତର୍ଗତ ଜଗଦଲପୁର ଆଉଟ ପୋଷ୍ଟ ଅଞ୍ଚଳରେ ୧୩ ଜୁନରେ ବଡ଼ ସର୍ଚ୍ଚ ଅପରେସନ୍ କରାଯାଇ ଏକ ଗୁପ୍ତ ଡମ୍ପରୁ ବିଭିନ୍ନ ପ୍ରକାର ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଡିଭିଏଫ ଓ ଏସଓଜି ଯବାନଙ୍କ ମିଳିତ ଉଦ୍ୟମରେ କମ୍ବିଂ ଅଭିଯାନ କରିବା ସମୟରେ ଠାବ ହୋଇଥିଲା। ଜିଲ୍ଲା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମ୍ଭାବ୍ୟ ଆଇଇଡି ଓ ବିସ୍ଫୋରକ ଖୋଜିବା ପାଇଁ ସତର୍କତାମୂଳକ ସନ୍ଧାନ କରିଥିଲେ ବୋଲି ଏସପି ରାଜ୍ ପ୍ରସାଦ ପ୍ରକାଶ କରିଛନ୍ତି।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପିର ବ୍ଲୁପ୍ରିଣ୍ଟ

ଭୁବନେଶ୍ୱର,(ଜା.ପ୍ର): ଦୁଇ ବର୍ଷର ସଫଳତାକୁ ନେଇ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ପାଖକୁ ଯିବ ବିଜେପି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ନେଇ ବିଜେପି କ୍ୟାମ୍ପ ଉତ୍ସାହିତ। ଆସନ୍ତା ୨୦ ତାରିଖରେ ରାଇରଙ୍ଗପୁର ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ। ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ଉଦବୋଧନ ଦେବେ ମୋଦୀ। ଏହାକୁ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସେପଟେ ଓଡ଼ିଶାରେ ବିଜେପି ସରକାର ଦୁଇ ବର୍ଷ ପୂରଣ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ଦୁଇ ବର୍ଷ ଭିତରେ ଯାହା କହିଥିଲୁ ତାକୁ ପୂରା କରିଛୁ। ଆଗାମୀ ତିନି ବର୍ଷ ଆମ ପାଇଁ ଚ୍ୟାଲେଞ୍ଜ। ଯେଉଁ ଚ୍ୟାଲେଞ୍ଜ ରହିଛି ବିଜେପି ସରକାର ତାକୁ ମଧ୍ୟ ପୂରା କରିବେ। ଦୁଇ ବର୍ଷର ସଫଳତାକୁ ନେଇ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ପାଖକୁ ଯିବୁ ବୋଲି ଶ୍ରୀ ସାମଲ କହିଛନ୍ତି।

ଅନ୍ୟପକ୍ଷରେ ୨୦୨୭ରେ ପଞ୍ଚାୟତ ନିର୍ବାଚନ। ରାଜ୍ୟରେ ଶାସକ ଦଳ ସହିତ ଦୁଇ ବିରୋଧୀ ଦଳ ଆସନ ସଂରକ୍ଷଣ କରିବା ପାଇଁ ସଜବାଜ ହେଲେଣି। ପଞ୍ଚାୟତ ନିର୍ବାଚନ ପାଇଁ ସବୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗ ଚିଠି କରିସାରିଛି। ୱାର୍ଡମେମ୍ବର, ସମିତି ସଭ୍ୟ, ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟସଭା ନିର୍ବାଚନରେ ବିଜେଡି ଏବଂ କଂଗ୍ରେସ ଦୁଇ ଦଳ ମିଳିତ ପ୍ରାର୍ଥୀ ଦେଇଥିଲେ। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୁଇ ଦଳ ଏକାଠି ହୋଇ ଶାସକ ଦଳକୁ ଚେକ୍ ଦେଇ ପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କିନ୍ତୁ ଏବେ ରାଜ୍ୟ ରାଜନୀତିରେ ଚିତ୍ର ବଦଳିଛି। ଅନ୍ତ କନ୍ଦଳ ଯୋଗୁଁ ବିଜେଡି ଭାଗ ଭାଗ ହୋଇଛି। ଅସନ୍ତୁଷ୍ଟ ଗୋଷ୍ଠୀ ମାନେ ବିଜୁ ଲିଗାସୀ ଦ୍ୱାହି ଦେଇ ବିଜେଡିରୁ ମୁହଁ ଫେରାଇଛନ୍ତି।

ଖୁବ୍ ଶୀଘ୍ର ରାଜ୍ୟ ରାଜନୀତିରେ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ଏହାରି ଭିତରେ ବିଜେଡି ସୁପ୍ରିମୋ ଏକ ବୈଠକ ଡକାଇଥିଲେ। ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ନବୀନ ପଟ୍ଟନାୟକ ବୁଲିବେ। କିନ୍ତୁ ଶାସକ ଦଳ ପଞ୍ଚାୟତ ନିର୍ବାଚନରେ କେମିତି ସଫଳ ହେବ ସେନେଇ ରଣନୀତି ପ୍ରସ୍ତୁତ କରିସାରିଛି। ନିକଟରେ ମଣ୍ଡଳ ସ୍ତରୀୟ ବୈଠକ, ଜିଲ୍ଲା ପ୍ରଭାରୀ ,ଜିଲ୍ଲା ସଭାପତିଙ୍କୁ ନେଇ ବଡ଼ ବୈଠକ ବସିଥିଲା। ଏହା ସହିତ ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

# ଡିଜି ପାହ୍ୟା ପାଇଁ ଦେଶର ୩୩ ଆଇପିଏସ୍ ମନୋନୀତ, ଓଡ଼ିଶା କ୍ୟାଡରୁ ସ୍ଥାନ ପାଇଲେ ୨

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି କମିଟି 'ଆପଏଣ୍ଟମେଣ୍ଟସ୍ କମିଟି ଅଫ୍ ଦ କ୍ୟାବିନେଟ୍' (ଏସିସି) ଦେଶର ୩୩ ଜଣ ବରିଷ୍ଠ ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀଙ୍କୁ ଡାଇରେକ୍ଟର ଜେନେରାଲ୍ (ଡିଜି) ଓ ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ କରିଛନ୍ତି। ଏଥିରେ ଓଡ଼ିଶା କ୍ୟାଡରର ଦୁଇ ଜଣ ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଡିଜି ବା ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ ହୋଇଥିବା ଓଡ଼ିଶା କ୍ୟାଡର ଦୁଇ ଅଧିକାରୀ ହେଲେ ୧୯୯୦ ବ୍ୟାଚ୍‌ର ଡଃ ସୁଧାଂଶୁ ଷଡ଼ଙ୍ଗୀ ଏବଂ ୧୯୯୫ ବ୍ୟାଚ୍‌ର ପଦ୍ମାକର ଏସ୍ ରଣପିସେ। ଏହି ଏମ୍ପାନେଲମେଣ୍ଟ ପରେ ଉଭୟ ଅଧିକାରୀ କେନ୍ଦ୍ର ସରକାରଙ୍କ ଅଧୀନରେ ଡିଜି ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। କେନ୍ଦ୍ରୀୟ ଡେପୁଟେସନ୍ ପାଇଁ ଏହି ଏମ୍ପାନେଲମେଣ୍ଟକୁ ଜଣେ ଆଇପିଏସ୍ ଅଧିକାରୀଙ୍କ କ୍ୟାରିୟରର ଏକ ବଡ଼ ମାଇଲଖୁଣ୍ଟ ବୋଲି ଧରାଯାଏ। ଏହା ମାଧ୍ୟମରେ ସିଆରପିଏଫ୍, ବିଏସଏଫ୍, ସିଆଇଏସଏଫ୍, ଆଇଟିବିପି ସମେତ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାରେ ଉଚ୍ଚପଦବୀରେ କାର୍ଯ୍ୟ କରିବାର ସୁଯୋଗ ମିଳିଥାଏ। ସୂଚନାଯୋଗ୍ୟ, ଡଃ ସୁଧାଂଶୁ ଷଡ଼ଙ୍ଗୀ ରାଜ୍ୟର ପରବର୍ତ୍ତୀ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ଦୌଡ଼ରେ ମଧ୍ୟ ଅଛନ୍ତି। ଡ. ସୁଧାଂଶୁ ଷଡ଼ଙ୍ଗୀ ମାଲକାନଗିରି ଏସ୍‌ପି ଭାବେ ପ୍ରଶାସନିକ ଜୀବନର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ସୁନ୍ଦରଗଡ଼, କେନ୍ଦୁଝର, ବ୍ରହ୍ମପୁର ଓ ବାଲେଶ୍ୱରର ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୫ ବର୍ଷର କ୍ୟାରିଅରରେ ସୁଧାଂଶୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ବର୍ତ୍ତମାନ ଡ. ସୁଧାଂଶୁ ଷଡ଼ଙ୍ଗୀ ଓଡ଼ିଶା ସରକାରଙ୍କ ଅଗ୍ନିଶମ ଏବଂ ହୋମଗାର୍ଡ ଡିଜି ଭାବରେ ୨୦୨୩ ମେ' ୨୨ ତାରିଖରୁ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ସେ ଟ୍ୱିନ ସିଟି ପୁଲିସ କମିଶନ ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ୧୯୯୫ ବ୍ୟାଚର ପଦ୍ମାକର ଏସ୍ ରଣପିସେସେଣ୍ଟ୍ରାଲ ଡେପ୍ୟୁଟେସନରେ ଅଛନ୍ତି।

ଜାତୀୟ ଚେତନା
JATIYA CHETANA

# ଶିକ୍ଷା ମନ୍ତ୍ରଣାଳୟ ପାଇଁ ଅଗ୍ନିପରୀକ୍ଷା

ଭାରତ ଭଳି ଏକ ବିଶାଳ ଏବଂ ବିବିଧତାପୂର୍ଣ୍ଣ ଗଣତାନ୍ତ୍ରିକ ରାଷ୍ଟ୍ରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଆକାର ଏବଂ ଏହାର ଦାୟିତ୍ୱ କୌଣସି ଏକ ବିରାଟ ସାମ୍ରାଜ୍ୟଠାରୁ କମ୍ ନୁହେଁ। ଏହି ମନ୍ତ୍ରଣାଳୟର ବ୍ୟାପକତା ଏତେ ଅଧିକ ଯେ ଏହା ସାରା ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସିଧାସଳଖ ନିୟନ୍ତ୍ରଣ ଓ ପରିଚାଳନା କରିଥାଏ। ଏହି ମହାନ୍ ଦାୟିତ୍ୱର ପରିସର ମଧ୍ୟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଆସିଥାଏ, ଯାହାକି ଏକ ସ୍ୱୟଂଶାସିତ ଓ ସ୍ୱଂପରିଚାଳିତ ସଂସ୍ଥା ହୋଇଥିଲେ ହେଁ ସମ୍ପୂର୍ଣ୍ଣ ରୂପେ ଏହି ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିଥାଏ। କେବଳ ଭାରତ ମଧ୍ୟରେ ନୁହେଁ, ବରଂ ସାରା ବିଶ୍ୱର ପ୍ରାୟ ଛବିଶିଟି ଦେଶରେ ଥିବା ପଚିଶି ହଜାରରୁ ଅଧିକ ବିଦ୍ୟାଳୟର ପରିଚାଳନା ଭାର ଏହି ବୋର୍ଡ ଉପରେ ନ୍ୟସ୍ତ ରହିଛି। ଏହି ଅନୁଷ୍ଠାନଗୁଡ଼ିକରେ କେବଳ ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ପ୍ରାୟ ଚାଳିଶ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପ୍ରତିବର୍ଷ ଶିକ୍ଷା ଗ୍ରହଣ ଓ ପରୀକ୍ଷା ପ୍ରଦାନ କରିଥାନ୍ତି। ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗର ସ୍ଥିତି ମଧ୍ୟ ସେହିଭଳି ଅତ୍ୟନ୍ତ ବ୍ୟାପକ, ଯାହା ଦେଶର ସତାବନଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଅଣଚାଶ ହଜାର ପାଞ୍ଚ ଶହ ପାଞ୍ଚଠିଟି ଅନୁବନ୍ଧିତ ମହାବିଦ୍ୟାଳୟ, ପାଞ୍ଚ ଶହ ସତତିରିଶଟି ରାଜ୍ୟ ସ୍ତରୀୟ ଘରୋଇ ବିଶ୍ୱବିଦ୍ୟାଳୟ ଏବଂ ଚାରି ଶହ ସତତିରିଶଟି ସରକାରୀ ବିଶ୍ୱବିଦ୍ୟାଳୟର ସାମଗ୍ରିକ ପରିଚାଳନା ନିମନ୍ତେ ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିଛି। ଏହିସବୁ ଶିକ୍ଷାନୁଷ୍ଠାନ ଏବଂ ଦେଶର ସର୍ବୋଚ୍ଚ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ସମୂହରେ ଦୁଇ ହଜାର ଏକବିଶି-ବାଇଶି ଶିକ୍ଷା ବର୍ଷରେ ପ୍ରାୟ ଚାରି କୋଟିରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଥିବାର ପରିସଂଖ୍ୟାନ ରହିଛି। ଏହା ସହିତ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ପରୀକ୍ଷା ସଂସ୍ଥା ଏହିସବୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରବେଶିକା ପରୀକ୍ଷା ପରିଚାଳନା କରିଥାଏ, ଯାହା ଏହି ମନ୍ତ୍ରଣାଳୟର ବିପୁଳ ଦାୟିତ୍ୱ ବୋଝ ମଧ୍ୟରୁ କେବଳ ଏକ କ୍ଷୁଦ୍ର ଅଂଶ ମାତ୍ର।

ଏଭଳି ଏକ ବୃହତ୍ ଓ ଜଟିଳ ସାଙ୍ଗଠନିକ ଶିକ୍ଷା ବ୍ୟବସ୍ଥାକୁ ଯେଉଁ ବ୍ୟକ୍ତି ସାମଗ୍ରିକ ଭାବରେ ପରିଚାଳନା କରୁଛନ୍ତି, ସେ ହେଉଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକଥା ସତ୍ୟ ଯେ ଦେଶର ପୂର୍ବତନ ସରକାର ଏବଂ ପୁରାତନ ମନ୍ତ୍ରୀମାନଙ୍କ କାର୍ଯ୍ୟକାଳ ସମୟରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ ଭଳି ଅନେକ ଅପ୍ରୀତିକର ଘଟଣା ଇତିହାସରେ ଘଟିଛି। ମାତ୍ର ସମ୍ପ୍ରତି ଗତ ଦୁଇମାସ ମଧ୍ୟରେ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସ୍ନାତକ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହା ସହିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ମାର୍କସିଟ୍ ?ରେ ଭୁଲ୍ ନମ୍ବର ଚଢ଼ିବା ଭଳି ବିଭ୍ରାଟ ମଧ୍ୟ ସାମ୍ନାକୁ ଆସିଛି, ଯାହାର ମୁଖ୍ୟ କାରଣ ସମ୍ଭବତଃ ଅତି ତରବରିଆ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଡିଜିଟାଲ ମୂଲ୍ୟାୟନ ପଦ୍ଧତି ବୋଲି ମନେହୁଏ। ଏଭଳି ସମ୍ବେଦନଶୀଳ ପରିସ୍ଥିତି ଯୋଗୁଁ ଦେଶର ପ୍ରଚଳିତ ମୂଲ୍ୟାୟନ ବ୍ୟବସ୍ଥା ଉପରୁ ସାଧାରଣ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଆସ୍ଥା ଓ ବିଶ୍ୱାସ ବହୁମାତ୍ରାରେ ହ୍ରାସ ପାଇଛି। ପୁନଃ ମୂଲ୍ୟାୟନ ପାଇଁ ସାରା ଦେଶରୁ ଆସୁଥିବା ଦାବି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡକୁ ଅତିଶୟ ବ୍ୟତିବ୍ୟସ୍ତ କରିପକାଇଛି, କାରଣ ଆଉ କେଇ ସପ୍ତାହ ମଧ୍ୟରେ ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ସକ୍ରିୟତାର ସହ ପଦକ୍ଷେପ ଗ୍ରହଣ କରି ବୋର୍ଡର ଉଚ୍ଚ ପଦାଧିକାରୀମାନଙ୍କୁ ଦାୟିତ୍ୱରୁ ଅପସାରଣ କରିଛନ୍ତି। କିନ୍ତୁ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଏହି ସମସ୍ତ ବିଭ୍ରାଟ ପାଇଁ ସିଧାସଳଖ ଦାୟୀ କରାଯାଇ ତାଙ୍କର ଇସ୍ତଫା ଦାବି କରାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ବର୍ଷ ବର୍ଷ ଧରି ଚାଲିଆସୁଥିବା ଏହି ବ୍ୟବସ୍ଥାଗତ ତ୍ରୁଟି ଏବଂ ସାମ୍ପ୍ରତିକ ସମସ୍ୟା ପାଇଁ ବାସ୍ତବରେ କ'ଣ ଶ୍ରୀ ପ୍ରଧାନ ନିଜେ ଦାୟୀ ?

ଶ୍ରୀ ପ୍ରଧାନଙ୍କ ପ୍ରଶାସନିକ ଦକ୍ଷତା ଓ ରାଜନୈତିକ ଜୀବନର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ପୂର୍ବରୁ ଦେଶର ପେଟ୍ରୋଲିୟମ ମନ୍ତ୍ରୀ ଭାବରେ ସବୁଠାରୁ ଦୀର୍ଘ ସମୟ ଧରି ସଫଳତାର ସହ କାର୍ଯ୍ୟ କରିଛନ୍ତି। ପ୍ରଥମେ ସେ ରାଷ୍ଟ୍ରମନ୍ତ୍ରୀ ଭାବରେ ସ୍ୱାଧୀନ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପରବର୍ତ୍ତୀ ସମୟରେ କ୍ୟାବିନେଟ ମନ୍ତ୍ରୀ ଭାବେ ଦୁଇ ହଜାର ଚଉଦରୁ ଦୁଇ ହଜାର ଏକବିଶି ମସିହା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିଲେ। ସେ ସଦାବେଳେ ଦୃଢ଼ତାର ସହ ବିଶ୍ୱାସ କରୁଥିଲେ ଯେ ବ୍ୟବସାୟିକ କାର୍ଯ୍ୟକଳାପରେ ସରକାରଙ୍କର ଅଯଥା ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ। ସେହି ଆଧାରରେ ସେ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡର ଘରୋଇକରଣ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଥିଲେ, ଯାହା ସରକାରଙ୍କ ବାଉନ ଦଶମିକ ନଅ ପ୍ରତିଶତ ଅଂଶଧନ ପ୍ରତ୍ୟାହାର ପାଇଁ ଉଦ୍ଦିଷ୍ଟ ଥିଲା। ଦୁଇ ହଜାର କୋଡିଏ ମସିହାରେ ସେ ଏହି ପ୍ରକ୍ରିୟାରେ ବ୍ୟାପକ ସ୍ୱାର୍ଥ ନିହିତ ଥିବା କଥା ପ୍ରକାଶ କରିଥିଲେ ମଧ୍ୟ ଦୁଇ ହଜାର ବାଇଶି ମସିହାରେ ମାତ୍ର ଜଣେ ନିଲାମଧାରୀ ଆଗ୍ରହ ପ୍ରକାଶ କରିବା ଯୋଗୁଁ ସରକାର ଏହି ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ଆସିଥିବା ମନ୍ତ୍ରୀ ହରଦୀପ ପୁରୀ ଦେଶର ପ୍ରମୁଖ ତୈଳ କମ୍ପାନୀଗୁଡ଼ିକର ଘରୋଇକରଣ ସମ୍ଭାବନାକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରିଦେଇଛନ୍ତି। ଏହା ବ୍ୟତୀତ ଶ୍ରୀ ପ୍ରଧାନଙ୍କୁ ଦୁଇ ହଜାର ସତରରୁ ଦୁଇ ହଜାର ଉଣେଇଶି ମସିହା ପର୍ଯ୍ୟନ୍ତ କୌଶଳ ବିକାଶ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। ଏହି ସମୟଟି ଥିଲା ଦେଶରେ ବିମୁଦ୍ରୀକରଣ ବ୍ୟବସ୍ଥା ପ୍ରବର୍ତ୍ତନର ଠିକ୍ ପରବର୍ତ୍ତୀ କାଳଖଣ୍ଡ, ଯେତେବେଳେ ଚାକିରି ସନ୍ଧାନରେ ଥିବା ଯୁବଗୋଷ୍ଠୀଙ୍କ ପାଇଁ ଏକ କଠିନ ସ୍ଥିତି ସୃଷ୍ଟି ହୋଇଥିଲା। ଏହା ପରେ ପରେ ସାରା ବିଶ୍ୱରେ ଦେଖାଦେଇଥିବା କରୋନା ମହାମାରୀ ଭଳି ବିରାଟ ସଙ୍କଟର ସଫଳ ମୁକାବିଲା କରି ତାଙ୍କ ମନ୍ତ୍ରଣାଳୟ ଅନେକ ସଫଳତା ହାସଲ କରିପାରିଥିଲା। ଏହି ସାଂଗଠନିକ ଦକ୍ଷତା ଯୋଗୁଁ ଦୁଇ ହଜାର ଏକବିଶି ମସିହାରେ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଗୁରୁ ଦାୟିତ୍ୱ ଅର୍ପଣ କରାଗଲା। ବର୍ତ୍ତମାନ ସିବିଏସଇ ପକ୍ଷରୁ ପ୍ରଣୟନ କରାଯାଇଥିବା ତିନିଟି ଭାଷା ଅଧ୍ୟୟନ ପଦ୍ଧତିକୁ (ଯେଉଁଥିରେ ଦୁଇଟି ଭାରତୀୟ ଭାଷା ବାଧ୍ୟତାମୂଳକ) କାର୍ଯ୍ୟକାରୀ କରିବା ପାଇଁ ବିଦ୍ୟାଳୟଗୁଡ଼ିକ ଚିନ୍ତାରେ ଅଛନ୍ତି, ବିଶେଷ କରି ଶିକ୍ଷକମାନଙ୍କର ଘୋର ଅଭାବ ସ୍ଥିତିରେ। ଏହି ନୀତି ବର୍ତ୍ତମାନ ମାନ୍ୟବର ସୁପ୍ରିମକୋର୍ଟଙ୍କ ସମୀକ୍ଷା ଅଧୀନରେ ଥିବାବେଳେ ଆସନ୍ତା ଜୁଲାଇ ମାସରୁ ଏହାକୁ ପ୍ରବର୍ତ୍ତନ କରିବାକୁ ସ୍ଥିର କରାଯାଇଛି।

# ସମୃଦ୍ଧ ଓ ବିକଶିତ ଭାରତର ନବ ଦିଗନ୍ତ

**ଦେବେଶ ରଞ୍ଜନ ପରିଡ଼ା**

ଭାରତୀୟ ଗଣତନ୍ତ୍ରର ଏହି ଦୀର୍ଘ ଓ ଗୌରବମୟ ଇତିହାସରେ କିଛି ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ଏବଂ କିଛି ବିଶେଷ ବ୍ୟକ୍ତିତ୍ୱ ସମୟର ସୀମାକୁ ଅତିକ୍ରମ କରି ଏକ ଅଲିଭା ସ୍ମୃତି ଚିହ୍ନ ଛାଡ଼ିଯାଆନ୍ତି। ଯୁଗେ ଯୁଗେ ବିଶ୍ୱ ଏବଂ ଦେଶର ଇତିହାସ ଏଭଳି ଦୂରଦୃଷ୍ଟିସମ୍ପନ୍ନ ନେତାମାନଙ୍କର ଆବିର୍ଭାବର ସାକ୍ଷୀ ରହିଆସିଛି, ଯାହାଙ୍କର ପ୍ରତ୍ୟେକଟି କାର୍ଯ୍ୟାବଳୀ ସେମାନଙ୍କ ସମୟର ଚିନ୍ତାଧାରା ଠାରୁ ବହୁ ଆଗରେ ଥାଏ। ଏଭଳି ଅସାଧାରଣ ବ୍ୟକ୍ତିତ୍ୱମାନଙ୍କୁ ଆମେ ସମ୍ମାନର ସହ ଯୁଗପୁରୁଷ ଭାବରେ ସ୍ମରଣ କରିଥାଉ, କାରଣ ସେମାନେ କେବଳ ଶାସନ କରନ୍ତି ନାହିଁ, ବରଂ ଏକ ସମଗ୍ର ରାଷ୍ଟ୍ରର ଭାଗ୍ୟକୁ ନୂତନ ରୂପ ଦିଅନ୍ତି ଏବଂ ଆଗାମୀ ଅସଂଖ୍ୟ ପିଢ଼ି ପାଇଁ ପ୍ରେରଣାର ଉତ୍ସ ସାଜନ୍ତି। ନିଜର ପରିବର୍ତ୍ତନଶୀଳ ନେତୃତ୍ୱ, ଜାତୀୟ ବିକାଶ ପ୍ରତି ଅଟଳ ପ୍ରତିବଦ୍ଧତା ଏବଂ ଜନସାଧାରଣଙ୍କ କଲ୍ୟାଣ ପାଇଁ ଅକ୍ଳାନ୍ତ ସେବା ମାଧ୍ୟମରେ ସେ ଆଜି ସମସାମୟିକ ଭାରତର ଜଣେ ପ୍ରକୃତ ଯୁଗପୁରୁଷ ଭାବରେ ସମସ୍ତଙ୍କ ସାମ୍ନାରେ ଉଭା ହୋଇଛନ୍ତି।

ସମ୍ପ୍ରତି ଜୁନ୍ ମାସର ଦଶ ତାରିଖ ଦୁଇ ହଜାର ଛବିଶି ମସିହାରେ ଭାରତ ନିଜର ଗଣତାନ୍ତ୍ରିକ ଇତିହାସ ପୃଷ୍ଠାରେ ଏକ ଅଭୂତପୂର୍ବ ଓ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଏହି ବିଶେଷ ଦିନରେ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଭାବରେ ନିରବଚ୍ଛିନ୍ନ ଭାବେ ଚାରି ହଜାର ତିନି ଶହ ଅନେଶତ ଦିନର ସେବାକାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ଏହି ବିରାଟ ସଫଳତା ସହିତ ସେ କ୍ରମାଗତ ଭାବରେ ଏହି ସର୍ବୋଚ୍ଚ ପଦବିରେ ରହିଥିବା ଭାରତର ସବୁଠାରୁ ଦୀର୍ଘତମ ସେବା ପ୍ରଦାନକାରୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ଅନନ୍ୟ ଗୌରବ ଓ କୀର୍ତ୍ତି ଅର୍ଜନ କରିଛନ୍ତି। ଏହି ଐତିହାସିକ ସଫଳତା କେବଳ ରାଷ୍ଟ୍ର ଗଠନ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉନାହିଁ, ବରଂ ତାଙ୍କର ସୁଦୂରପ୍ରସାରୀ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଉପରେ କୋଟି କୋଟି ଭାରତବାସୀ ରଖିଥିବା ଅତୁଟ ବିଶ୍ୱାସ, ସ୍ନେହ ଓ ଆସ୍ଥାର ଏକ ଜ୍ୱଳନ୍ତ ପ୍ରତିଫଳନ ଅଟେ। ଏହା ତାଙ୍କର ସୁଦୃଢ଼ ନେତୃତ୍ୱ, ଜାତୀୟ ପ୍ରଗତି ପ୍ରତି ଅକ୍ଳାନ୍ତ ପରିଶ୍ରମ ଏବଂ ଭାରତର ସର୍ବସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କର ଆକାଂକ୍ଷା ପୂରଣ ଦିଗରେ ତାଙ୍କର ଦୃଢ଼ନିଷ୍ଠାର ଏକ ଅକାଟ୍ୟ ପ୍ରମାଣ।

ରାଷ୍ଟ୍ରର ପ୍ରଧାନ ସେବକ ଭାବେ ନରେନ୍ଦ୍ର ମୋଦି ଭାରତବର୍ଷରେ ଏକ ଅଭୂତପୂର୍ବ ତଥା ଯୁଗାନ୍ତକାରୀ ପରିବର୍ତ୍ତନର ଅୟମାରମ୍ଭ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ରୂପେ ତାଙ୍କର 'ରାଷ୍ଟ୍ର ପ୍ରଥମ' ସୁଶାସନ ଭାବନା ଉପରେ ଆଧାରିତ ଏବଂ ପରିଚାଳିତ। ଠିକ୍ ଯେଭଳି ବିଶ୍ୱ ଇତିହାସ ପୁଣିଥରେ ଆବ୍ରାହମ ଲିଙ୍କନଙ୍କ ପାଇଁ କଡ଼ ଲେଉଟାଇଥିଲା ଏବଂ ତାଙ୍କର ସୁଦୃଢ଼ ନେତୃତ୍ୱ ଫଳରେ କ୍ରୀତଦାସ ପ୍ରଥାର କଳଙ୍କ ସବୁଦିନ ପାଇଁ ସମାପ୍ତ ହୋଇଥିଲା ଏବଂ ଲକ୍ଷ ଲକ୍ଷ ଅବହେଳିତ ଲୋକଙ୍କ ଆତ୍ମମର୍ଯ୍ୟାଦା ସୁରକ୍ଷିତ ହୋଇପାରିଥିଲା, ସେହିଭଳି ଭାବରେ ଭବିଷ୍ୟତ ପିଢ଼ି ସର୍ବଦା ଏକଥା ସ୍ମରଣ କରିବେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ବାର ବର୍ଷର ଶାସନ ଅବଧି ମଧ୍ୟରେ ପଚିଶି କୋଟିରୁ ଅଧିକ ଲୋକଙ୍କୁ ଦାରୁଣ ଦାରିଦ୍ର୍ୟର ଅନ୍ଧକାର ମଧ୍ୟରୁ ସଫଳତାର ସହ ଉପରକୁ ଉଠାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କରି ସୁଚିନ୍ତିତ ଦୂରଦର୍ଶୀ ଚିନ୍ତାଧାରା, ଅକ୍ଳାନ୍ତ ପ୍ରୟାସ ଏବଂ ପରିବର୍ତ୍ତନକାରୀ ଶାସନ ବ୍ୟବସ୍ଥା ଫଳରେ ଆଜି ଦେଶର ଅସଂଖ୍ୟ ଗରିବ ଓ ମଧ୍ୟବିତ୍ତ ପରିବାର କେବଳ ସଶକ୍ତ ହୋଇନାହାନ୍ତି, ବରଂ ସେମାନଙ୍କୁ ସମାଜରେ ଉପଯୁକ୍ତ ସୁଯୋଗ, ମର୍ଯ୍ୟାଦା ଏବଂ ଭବିଷ୍ୟତ ପାଇଁ ଏକ ନୂତନ ଆଶା ମିଳିପାରିଛି। ଏହାଫଳରେ ସେମାନେ ଆର୍ଥିକ ସ୍ୱାଧୀନତାର ସୁନିଶ୍ଚିତ ପ୍ରତିଶ୍ରୁତିକୁ ନିଜ ଜୀବନରେ ଆପଣାଇ ଏକ ଉଜ୍ଜ୍ୱଳ ଏବଂ ଉତ୍ତମ ଭବିଷ୍ୟତକୁ ନିଜ ହାତମୁଠାରେ ପାଇବାର ସୌଭାଗ୍ୟ ଲାଭ କରିଛନ୍ତି।

ଏହି ସୁଦୀର୍ଘ ଯାତ୍ରା କେବଳ ସଂଖ୍ୟାର ଗଣନା ନୁହେଁ, ବରଂ ଏହା ହେଉଛି ଲୋକାଭିମୁଖୀ ପ୍ରଶାସନର ଏକ ଜ୍ୱଳନ୍ତ ଉଦାହରଣ। ଶ୍ରୀ ମୋଦିଙ୍କ ପ୍ରତ୍ୟେକଟି ଯୋଜନା ଓ ନିଷ୍ପତ୍ତି ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିର କଲ୍ୟାଣକୁ ଆଖିରେ ରଖି ପ୍ରଣୟନ କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଆଜି ଯେଉଁ ସଫଳତାର ଶୀର୍ଷ ଛୁଇଁଛି, ତାହା ପଛରେ ରହିଛି ତାଙ୍କର ସେହି ଅକ୍ଳାନ୍ତ ପରିଶ୍ରମ ଓ ଦେଶପ୍ରେମ। ସେ ନିଜକୁ ପ୍ରଧାନମନ୍ତ୍ରୀ ନୁହେଁ, ବରଂ ପ୍ରଧାନ ସେବକ ଭାବେ ଉପସ୍ଥାପିତ କରି ଦେଶର ଶାସନ ବ୍ୟବସ୍ଥାର ସଂଜ୍ଞାକୁ ବଦଳାଇ ଦେଇଛନ୍ତି। ଗରିବ କଲ୍ୟାଣ ଅନ୍ନ ଯୋଜନା ଠାରୁ ଆରମ୍ଭ କରି ପ୍ରତ୍ୟେକ ପରିବାରକୁ ପକ୍କାଘର, ସ୍ୱଚ୍ଛ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ବୀମା ଯୋଗାଇଦେବା ଭଳି କାର୍ଯ୍ୟ ସାଧାରଣ ଜନତାଙ୍କ ଜୀବନଧାରଣର ମାନକୁ ବହୁ ଗୁଣିତ କରିଛି। ସାମାଜିକ ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତାର ଏହି ନୂତନ ମନ୍ତ୍ର ସମଗ୍ର ବିଶ୍ୱ ଦରବାରରେ ଭାରତର ସମ୍ମାନକୁ ବୃଦ୍ଧି କରିଛି। ତାଙ୍କର ଏହି ଚାରି ହଜାର ତିନି ଶହ ଅନେଶତ ଦିନର ଯାତ୍ରା ଭାରତର ସାମଗ୍ରିକ ବିକାଶର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ, ଯାହା ଆଗାମୀ ଶତାବ୍ଦୀ ଶତାବ୍ଦୀ ଧରି ଏହି ପବିତ୍ର ଭାରତ ଭୂମିକୁ ମାର୍ଗଦର୍ଶନ କରୁଥିବ। ଆଜିର ସମୟରେ ସେ କେବଳ ଜଣେ ଜନପ୍ରିୟ ନେତା ନୁହନ୍ତି, ବରଂ କୋଟି କୋଟି ଜନତାଙ୍କ ଆଶା ଓ ଆକାଂକ୍ଷାର ଏକ ସାର୍ଥକ ପ୍ରତୀକ ସାଜିଛନ୍ତି।

ଅଧିକନ୍ତୁ ତାଙ୍କର ଏହି ପରିବର୍ତ୍ତନକାରୀ ଉପକ୍ରମ ସମାଜର କୋଟି କୋଟି ଲୋକଙ୍କ ନିମନ୍ତେ ଶିକ୍ଷା, ବାସଗୃହ, ପରିମଳ, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଆତ୍ମସମ୍ମାନ ଏବଂ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିଛି। ୪୪କୋଟିରୁ ଅଧିକ ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ନିର୍ଭର ପ୍ରତିଶ୍ରୁତି ମିଳିପାରିଛି। ଏହି ଯୋଜନା ବିଶ୍ୱର ଅନ୍ୟତମ ସର୍ବବୃହତ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଭାବରେ ସୁପରିଚିତ ହୋଇଛି। ଗତ ୧୨ବର୍ଷ ମଧ୍ୟରେ ୧୨କୋଟି ଗ୍ରାମୀଣ ପରିବାରଙ୍କୁ ଜଳ ଜୀବନ ମିଶନ ମାଧ୍ୟମରେ ପାଇପ୍ ଯୋଗେ ନିରାପଦ ଓ ନିର୍ଭରଯୋଗ୍ୟ ପାନୀୟଜଳ ଯୋଗାଇ ଦିଆଯାଉଛି। ଏହାଫଳରେ ଅସଂଖ୍ୟ ପରିବାର କେବଳ ଆତ୍ମମର୍ଯ୍ୟାଦାର ଅଧିକାରୀ ହୋଇନାହାନ୍ତି, ଏହା ସେମାନଙ୍କର ଜୀବନର ଗୁଣାତ୍ମକ ମାନକୁ ମଧ୍ୟ ଉନ୍ନତ କରିପାରିଛି। ୨୦୨୦ ମସିହାଠାରୁ ନିରବଚ୍ଛିନ୍ନ ଭାବରେ ପ୍ରାୟ ୮୦କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି, ଯାହା ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିଛି ଏବଂ ଦେଶରେ କେହି ଜଣେ ନାଗରିକ ଯେପରି ଅଭୁକ୍ତ ନରହେ ତାହା ମଧ୍ୟ ସୁନିଶ୍ଚିତ ହୋଇପାରିଛି। ଅଧିକନ୍ତୁ ୪କୋଟିରୁ ଅଧିକ ପରିବାର ସେମାନଙ୍କର ନିଜସ୍ୱ ଏକ ନିରାପଦ ଓ ସ୍ଥାୟୀ ବାସଗୃହ ହାସଲ କରିବାର ସ୍ୱପ୍ନ ସାକାର ହୋଇଛି। ଏହା ସେହିସବୁ ଲୋକଙ୍କ ମନରେ ନିରାପତ୍ତା, ଆତ୍ମମର୍ଯ୍ୟାଦା ଏବଂ ଆଶାକୁ ସୁରକ୍ଷିତ ରଖିପାରିଛି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିକଳ୍ପନା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସଶକ୍ତ କରିଛି। ସେମାନେ ମହିଳା ହୋଇଥାନ୍ତୁ ଅବା ଯୁବଗୋଷ୍ଠୀ, କୃଷକ ହୁଅନ୍ତୁ ଅବା ଅବହେଳିତ ବର୍ଗ, ସମସ୍ତଙ୍କ ପାଇଁ ସମାନ ମାତ୍ରାର ଯୋଜନା ପ୍ରବର୍ତ୍ତନ କରାଯାଇଛି। ଦେଶରେ ୩ କୋଟିରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବା ସରକାରଙ୍କ ମହିଳାକୈନ୍ଦ୍ରିକ ବିକାଶ ପରିକଳ୍ପନାର ସଶକ୍ତ ସଫଳତାକୁ ପ୍ରମାଣିତ କରେ। ସେହିଭଳି ନାରୀଶକ୍ତି ଉପକ୍ରମ ମାଧ୍ୟମରେ ମହିଳାମାନେ ବର୍ତ୍ତମାନ ରାଷ୍ଟ୍ରନିର୍ମାଣ କ୍ଷେତ୍ରରେ ଅଧିକ ମାତ୍ରାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛନ୍ତି। ଭାରତର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦୃଶ୍ୟପଟ୍ଟରେ ନାଟକୀୟ ଭାବେ ସମ୍ପ୍ରସାରଣ ଘଟିଛି। ଦେଶରେ ନୂଆ ନୂଆ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ମେଡିକାଲ କଲେଜ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାପନ ମାଧ୍ୟମରେ ଦେଶର ଯୁବବର୍ଗଙ୍କ ପାଇଁ ଅଭୂତପୂର୍ବ ସୁଯୋଗ ସୃଷ୍ଟିହୋଇଛି। ଅନୁରୂପ ଭାବେ ଭାରତ ଭିତ୍ତିଭୂମି ବିପ୍ଳବ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ଲକ୍ଷ୍ୟ କରାଯାଇଛି। ବନ୍ଦେ ଭାରତ ଟ୍ରେନ୍ର ଦ୍ରୁତ ସମ୍ପ୍ରସାରଣ, ବିମାନ ବନ୍ଦର, ଜାତୀୟ ରାଜପଥ ଏବଂ ରେଳ ଷ୍ଟେସନଗୁଡ଼ିକର ଉନ୍ନତିକରଣ ଓ ସମ୍ପ୍ରସାରଣ ସଂଯୋଗୀକରଣ ପ୍ରକଳ୍ପ କ୍ଷେତ୍ରରେ ପଟ୍ଟପରିବର୍ତ୍ତନକାରୀ ପ୍ରଗତି ଘଟାଇଛି। ଏହା ଦେଶର ଦୁର୍ଗମତମ କ୍ଷେତ୍ରରେ ମଧ୍ୟ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱ ଏକ ଆଧୁନିକ, ସଂଯୋଜିତ ଏବଂ ଆକାଂକ୍ଷୀ ଭାରତର ସୁଦୃଢ଼ ମୂଳଦୁଆ ସ୍ଥାପନ କରିଛି। ଏହିସବୁ ସଫଳତା ଦେଶରେ କେବଳ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ଏଥିସହିତ ସାରାଦେଶର କୋଟି କୋଟି ନାଗରିକଙ୍କ ନିମନ୍ତେ ଜୀବନଧାରଣ ମାନରେ ମଧ୍ୟ ଗୁଣାତ୍ମକ ପରିବର୍ତ୍ତନ ଆଣିଛି। ଭାରତ ଡିଜିଟାଲ ନବାଚାର, ଅର୍ଦ୍ଧପରିବାହୀ ନିର୍ମାଣ, ମହାକାଶ ପ୍ରଯୁକ୍ତି, ପ୍ରତିଷେଧକ ଟିକାର ବିକାଶ ଏବଂ ମୋବାଇଲ ଉତ୍ପାଦନ କ୍ଷେତ୍ରରେ ବୈଶ୍ୱିକ ନେତାଭାବରେ ମୁଣ୍ଡ ଟେକିଛି। ଏହାଫଳରେ ଆଗାମୀ ଦିନରେ ଆଗକୁ ପ୍ରଗତି କରିବାକୁ ଥିବା ପ୍ରଯୁକ୍ତି କ୍ଷେତ୍ରରେ ଦେଶ ନିଜପାଇଁ ଏକ ବୈଶ୍ୱିକ ମାନ୍ୟତା ହାସଲ କରିପାରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଙ୍କୁ ଯାହା ବାସ୍ତବପକ୍ଷେ ସମସାମୟିକ ନେତୃବର୍ଗଙ୍କଠାରୁ ଭିନ୍ନ ବୋଲି ଉପସ୍ଥାପନ କରେ, ତାହା ହେଉଛି ପ୍ରଗତି ଓ ପରମ୍ପରା ଉପରେ ତାଙ୍କ ମନରେ ଥିବା ଅତୁଟ ବିଶ୍ୱାସ। ପ୍ରଗତି ଏବଂ ପରମ୍ପରା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି, ବରଂ ପରିପୂରକ ଶକ୍ତି ବୋଲି ସେ ସଦାବେଳେ ବିଶ୍ୱାସୀ। 'ବିକାଶ ଭି, ବିରାସତ ଭି' ଭଳି ଦୂରଦର୍ଶୀ ଚିନ୍ତାଧାରା ମାଧ୍ୟମରେ ସେ ପ୍ରଦର୍ଶିତ କରିପାରିଛନ୍ତି, ଏକ ରାଷ୍ଟ୍ର ଆଧୁନିକତା ପଥରେ ଦ୍ରୁତବେଗରେ ଧାବମାନ ହେବା ସହିତ ନିଜର ସଭ୍ୟତାଗତ ଐତିହ୍ୟ ଓ ପରମ୍ପରା ପ୍ରତି ମଧ୍ୟ ଗଭୀର ଭାବେ ଅନୁରକ୍ତ ଓ ଶ୍ରଦ୍ଧାଶୀଳ ରହିପାରିବ। ଶ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ଭିତ୍ତିଭୂମି, ପ୍ରଯୁକ୍ତି, ଉତ୍ପାଦନ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ପଟ୍ଟପରିବର୍ତ୍ତନକାରୀ ବିକାଶକୁ ଲକ୍ଷ୍ୟ କରିଛି। ଯଦ୍ୟପି ସେ ଏକାଧାରରେ ଭାରତର ପ୍ରାଚୀନ ସଂସ୍କୃତି, ଭାଷା, ଆଧ୍ୟାତ୍ମିକ ପରମ୍ପରା ଓ ଐତିହାସିକ ବୈଭବ ପ୍ରତି ନିଜ ମନରେ ଶ୍ରଦ୍ଧା ରଖିବା ସହ ଏଥିପାଇଁ ଗୌରବ ଅନୁଭବ କରନ୍ତି, ଅପରପକ୍ଷେ ଆଧୁନିକ ପ୍ରଗତିକୁ ମଧ୍ୟ ସମମାତ୍ରାରେ ଆଦର କରିଥାନ୍ତି। ଏହା କୌଣସି ଏକ ପବିତ୍ର ସ୍ଥଳୀର ପୁନରୁଦ୍ଧାର ହେଉ ବା ସାଂସ୍କୃତିକ ସଂକେତର ପୁନରୁତ୍ଥାନ ଅବା ଶାସ୍ତ୍ରୀୟ ଭାଷାର ଉତ୍ସବ ବା ଅମୂଲ୍ୟ କଳା ସମ୍ପଦର ସଂରକ୍ଷଣ- ତାଙ୍କ ଶାସନ ଆଧୁନିକ ଆକାଂକ୍ଷା ଏବଂ ସମୟାତୀତ ମୂଲ୍ୟବୋଧ ମଧ୍ୟରେ ଥିବା ବିରଳ ସମନ୍ୱୟକୁ ପ୍ରତିଫଳିତ କରିଥାଏ।

ଜାତୀୟ ଚେତନା
JATIYA CHETANA



# ଅଷ୍ଟ୍ରେଲିଆର ଏକତରଫା ବିଜୟ

ନୂଆଦିଲ୍ଲୀ,(ଏଜେନ୍ସି): ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଏକତରଫା ଭାବେ ୨-୦ ଗୋଲ୍‌ରେ ତୁର୍କୀକୁ ହରାଇ ଦେଇଛି। ତୁର୍କୀ ଟିମ୍ ପୂରା ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ୍ ଦେବାରେ ବିଫଳ ହୋଇଥିଲା। ପ୍ରଥମ ହାଫ୍‌ରେ ନେସ୍ତୋରୀ ଇରାଙ୍କୁଣ୍ଡା ଅଷ୍ଟ୍ରେଲିଆକୁ ଆଗୁଆ କରିଥିଲେ। ପଲ୍ ଓକୋନ ଇଙ୍ଗ୍ଲିଷ୍ଟିଲର୍‌ଙ୍କ ପାସ୍‌ରେ ଇରାଙ୍କୁଣ୍ଡା ତୁର୍କୀ ଡିଫେନ୍ସକୁ ଭେଦି ବଲ୍ ଗୋଲ୍‌ପୋଷ୍ଟ ପାର୍ କରିଥିଲେ। ପ୍ରଥମ ହାଫ୍ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟ ହାଫ୍‌ରେ ଅଷ୍ଟ୍ରେଲିଆ ଏହାକୁ ଦ୍ୱିଗୁଣିତ କରିଥିଲା। କୋନୋର୍ ମ୍ୟାଟ୍‌କେଲ୍ଡୁ ୭୫ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା ଏବଂ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବିଜୟ ହାସଲ କରି ୩ ପଏଣ୍ଟ ସଂଗ୍ରହ କରିଛି।

# ମହିଳା ଟି-୨୦ ବିଶ୍ୱକପ୍: ଦୀପ୍ତି ଶର୍ମାଙ୍କୁ ୫ ୱିକେଟ୍

ବର୍ମିଂହାମ୍,(ଏଜେନ୍ସି): ଭାରତ ଆଇସିସି ମହିଳା ବିଶ୍ୱକପ୍ ୨୦୨୬ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଟିମ୍ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬୪ ରନ୍‌ରେ ଶୋଚନୀୟ ଭାବେ ହରାଇ ଦେଇଛି। ଏଜ୍‌ବାଷ୍ଟନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ୬ ୱିକେଟ୍ ହରାଇ ୧୭୦ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୭ ଓଭର୍‌ରେ ମାତ୍ର ୧୦୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା (୫ ୱିକେଟ୍) ଏବଂ ସ୍ମୃତି ମନ୍ଧାନା (୬୮ ରନ୍) ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ୧୭ ତାରିଖରେ ନେଦରଲାଣ୍ଡସ୍‌କୁ ଭେଟିବ।

ରନ୍ ଚେଜ୍‌ରେ ପାକିସ୍ତାନ ପକ୍ଷରୁ ଓପ୍‌ନ୍ ମୁନିବା ଅଲୀ ୩୫ ରନ୍‌ରେ ସର୍ବାଧିକ ୪୧ ରନ୍ କରିଥିଲେ। ଏହା ବ୍ୟତୀତ କେବଳ ଆଲିୟା ରିୟାଜ୍ (୧୮ ରନ୍), ଗୁଲ୍ ଫିରୋଜା (୧୨ ରନ୍) ଏବଂ ଆୟଶା ଜାଫର (୧୨ ରନ୍) ଦୁଇଅଙ୍କ ଛୁଇଁପାରିଥିଲେ। ଦୀପ୍ତି ଶର୍ମା ଘାତକ ବୋଲିଂ କରି ପାକିସ୍ତାନ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଶ୍ରୀଚରଣୀ ୩ଟି ଏବଂ ଶେଫାଳୀ ବର୍ମା ଗୋଟିଏ ୱିକେଟ୍ ନେଇଥିଲେ। ପାକିସ୍ତାନକୁ ବିଜୟ ପାଇଁ ଶେଷ ୧୮ ବଲ୍‌ରେ ୬୫ ରନ୍‌ର ଆବଶ୍ୟକତା ଥିବାବେଳେ ଦୀପ୍ତି ୧୭ତମ ଓଭର୍‌ରେ ହିଁ ଖେଳ ସମାପ୍ତ କରିଦେଇଥିଲେ। ସେହି ଓଭର୍‌ରେ ସେ ଆଲିଆ ରିୟାଜ୍ (୧୮), ତସ୍ମିୟା ରୁବାବ୍ (୦) ଏବଂ ନଶରା ସନ୍ଧୁ (୪)ଙ୍କୁ ଆଉଟ୍ କରିଥିଲେ। ସେ ୪ ଓଭର୍‌ରେ ମାତ୍ର ୧୦ ରନ୍ ଦେଇ ୫ଟି ୱିକେଟ୍ ନେଇଥିଲେ। ଟସ୍ ଜିତି ବ୍ୟାଟିଂ ନେଇଥିବା ଭାରତ ପ୍ରଥମ ଓଭର୍‌ରେ ହିଁ ଶେଫାଳୀ ବର୍ମା (୬ ରନ୍)ଙ୍କୁ ହରାଇଥିଲା। ଏହାପରେ ଜେମିମା ରୋଡ୍ରିଗ୍ସ ମାତ୍ର ୧ ରନ୍ କରି ଫେରିଥିଲେ। ୧୮ ରନ୍‌ରେ ୨ ୱିକେଟର ପତନ ପରେ ସ୍ମୃତି ମନ୍ଧାନାଙ୍କ ସହ କ୍ୟାପଟେନ୍ ହରମନପ୍ରୀତ୍ କୌର ଇନିଂସ୍ ସମ୍ଭାଳି ୯୧ ରନ୍ ପାର୍ଟନରଶିପ୍ କରିଥିଲେ। ମନ୍ଧାନା ୪୪ ବଲ୍‌ରେ ୯ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୬୮ ରନ୍ ଏବଂ ହରମନପ୍ରୀତ୍ ୩୫ ବଲ୍‌ରେ ୩୬ ରନ୍ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ରିଚା ଘୋଷ ୧୭ ବଲ୍‌ରେ ୩୪ ରନ୍ ଏବଂ ଦୀପ୍ତି ଶର୍ମା ଅପରାଜିତ ୧୨ ରନ୍ କରି ଟିମ୍‌ର ସ୍କୋର୍ ୧୭୦ ରନ୍‌ରେ ପହଞ୍ଚାଇଥିଲେ। ଭାରତ ଓ ପାକିସ୍ତାନ ମହିଳା ଟିମ୍ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୧୭ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୧୪ ମ୍ୟାଚ୍‌ରେ ବିଜୟୀ ହୋଇଛି।

## ଫିଫା ବିଶ୍ୱକପ୍ ୨୦୨୬

# ୪୪ ବର୍ଷ ପରେ ପ୍ରଥମ ମ୍ୟାଚ୍ ଜିତିଲା ସ୍କଟ୍‌ଲାଣ୍ଡ୍



ନୂଆଦିଲ୍ଲୀ,(ଏଜେନ୍ସି): ଫିଫା ବିଶ୍ୱକପ୍ ୨୦୨୬ର ରୋମାଞ୍ଚ ଧୀରେ ଧୀରେ ବଢ଼ିବାରେ ଲାଗିଛି। ତୃତୀୟ ଦିନ ପାଞ୍ଚ ଥରର ଚାମ୍ପିଅନ୍ ବ୍ରାଜିଲ୍‌କୁ ବିଶ୍ୱର ନମ୍ବର-୭ ଟିମ୍ ମରକ୍କୋ ୧-୧ ଡ୍ର'ରେ ରୋକିଥିବା ବେଳେ ସ୍କଟ୍‌ଲାଣ୍ଡ ୧-୦ ଗୋଲ୍‌ରେ ହାଇତିକୁ ହରାଇ ୪୪ ବର୍ଷ ପରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସେହିପରି ଅନ୍ୟ ଏକ ମ୍ୟାଚ୍ କତାର ଓ ସ୍ୱିଜରଲାଣ୍ଡ ମଧ୍ୟରେ ୧-୧ ଡ୍ର'ରେ ଶେଷ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଏକତରଫା ଭାବେ ତୁର୍କୀକୁ ୨-୦ ଗୋଲ୍‌ରେ ହରାଇ ଦେଇଛି।

ଇଷ୍ଟ ରଦରଫୋର୍ଡରେ ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ସି' ମ୍ୟାଚ୍‌ରେ ମରକ୍କୋ ଆଟାକିଂ ଆରମ୍ଭ କରି ୨୧ତମ ମିନିଟ୍‌ରେ ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲା। ଇବ୍ରାହିମ୍ ଡିୟାଜଙ୍କ ଠାରୁ ପାଇଥିବା ପାସ୍‌କୁ ଇସ୍ମାଇଲ୍ ସାଇବାରୀ ବ୍ରାଜିଲ୍ ଗୋଲ୍‌କିପର୍ ଏଲିସନ୍ ବେକର୍‌ଙ୍କ ମୁଣ୍ଡ ଉପରେ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ତେବେ ୧୧ ମିନିଟ୍ ପରେ ବ୍ରାଜିଲ୍ ଜବାବ ଦେଇଥିଲା। ୩୨ତମ ମିନିଟ୍‌ରେ ଭିନିସିୟସ୍ ଜୁନିୟର୍ ଏକ ଜୋରଦାର ରାଇଟ୍ ଫୁଟ୍ ଶଟ୍ ମାରିଥିଲେ, ଯାହା ମରକ୍କୋ ଗୋଲ୍‌କିପର୍‌ଙ୍କୁ ପ୍ରତିହତ କରି ଗୋଲ୍‌ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏହା ଭିନିସିୟସ୍‌ଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍‌ର ୧୦ମ ଗୋଲ୍ ଥିଲା। ଏହା ସହିତ ବ୍ରାଜିଲ୍ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ୨୧ ମ୍ୟାଚ୍‌ର ଅପରାଜେୟ କ୍ରମକୁ ବଜାୟ ରଖିଥିଲା। ବ୍ରାଜିଲ୍ ଶେଷଥର ପାଇଁ ୧୯୩୪ରେ ସ୍ପେନ୍ ବିପକ୍ଷରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ହାରିଯାଇଥିଲା। ଗ୍ରୁପ୍-ସି'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍କିଜରଲାଣ୍ଡ ଓ ହାଇତି ପ୍ରଥମରୁ ଆଟାକିଂ ଆରମ୍ଭ କରିଥିଲେ। ୨୯ତମ ମିନିଟ୍‌ରେ ଚେ ଏଡ୍‌ସନ୍‌ଙ୍କ ଏକ ପାସ୍‌କୁ ହାଇତି ଡିଫେଣ୍ଡର୍ ରୋକିଥିଲେ। କିନ୍ତୁ ବଲ୍ ବକ୍ସ ବାହାରେ ଥିବା ଜନ୍ ମାକ୍‌ଗିଗନ୍‌ଙ୍କ ପାଖକୁ ଚାଲିଯାଇଥିଲା ଏବଂ ସେ ଏକ ଜୋରଦାର ଶଟ୍ ମାରିଥିଲେ, ଯାହା ଡିଫ୍ଲେକ୍ସନ୍ ହୋଇ ଗୋଲ୍ ମଧ୍ୟକୁ ଚାଲିଯାଇଥିଲା। ହାଇତି ଶେଷ ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ ସଫଳ ହୋଇନଥିଲା। ଫଳରେ ଶେଷ ପର୍ଯ୍ୟନ୍ତ ସ୍କଟ୍‌ଲାଣ୍ଡ ୧-୦ର ଅଗ୍ରଣୀକୁ ବଜାୟ ରଖି ବିଜୟ ହାସଲ କରିବା ସହିତ ବିଶ୍ୱକପ୍ ଅଭିଯାନର ସଫଳ ଆରମ୍ଭ କରିଛି। ସ୍କଟ୍‌ଲାଣ୍ଡର ଏହା ୩୬ ବର୍ଷ ପରେ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହୋଇଥିବା ବେଳେ ୪୪ ବର୍ଷ ପରେ ଟିମ୍ ପ୍ରଥମ ମ୍ୟାଚ୍ ଜିତିଛି। ସ୍କଟ୍‌ଲାଣ୍ଡ ଶେଷଥର ପାଇଁ ୧୯୯୦ରେ ବିଶ୍ୱକପ୍ ମ୍ୟାଚ୍ ଜିତିଥିଲା ବେଳେ ୧୯୮୨ରେ ପ୍ରଥମ ମ୍ୟାଚ୍ ଜିତିଥିଲା। ଏହି ବିଜୟରୁ ୩ ପଏଣ୍ଟ ହାସଲ କରି ସ୍କଟ୍‌ଲାଣ୍ଡ ଗ୍ରୁପ୍-ସି'ର ଶୀର୍ଷରେ ରହିଛି। ମରକ୍କୋ ଏବଂ ବ୍ରାଜିଲ୍ ୧-୧ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ହାଇତି ସର୍ବନିମ୍ନରେ ରହିଛି।

ଭାଙ୍କୁଭର୍‌ର ଲେଭି ଷ୍ଟାଡିୟମ୍‌ରେ ପ୍ରାୟ ୬୮ ହଜାର ଦର୍ଶକଙ୍କ ସାମ୍ନାରେ ଖେଳାଯାଇଥିବା ଏକ ଗ୍ରୁପ୍-ବି' ମ୍ୟାଚ୍ ସ୍ୱିଜରଲାଣ୍ଡ ଓ କତାର ମଧ୍ୟ ୧-୧ରେ ଡ୍ର' ହୋଇଛି। ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ବ୍ରିଲ୍ ଏମ୍ବୋଲୋ ପେନାଲ୍ଟିକୁ ଗୋଲ୍‌ରେ ପରିବର୍ତ୍ତନ କରି ସ୍ୱିଜରଲାଣ୍ଡକୁ ଆଗୁଆ କରିଥିଲେ। ଦ୍ୱିତୀୟ ହାଫ୍‌ର ଇନ୍‌ଜୁରୀ ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ମିରୋ ମୁହେମ୍ ଏକ ହେଡର୍ ଜରିଆରେ ଗୋଲ୍ କରି କତାର୍‌କୁ ପ୍ରଥମ ପଏଣ୍ଟ ଦେଇଥିଲେ।

# ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୩: ଇତିହାସ ରଚିଲେ ଧୀରଜ

ନୂଆଦିଲ୍ଲୀ,(ଏଜେନ୍ସି): ତୁର୍କୀର ଅନ୍ତାଲ୍ୟାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୩ରେ ଭାରତୀୟ ରିକର୍ଭ ଆର୍ଚର୍ ଧୀରଜ ବୋମ୍ମାଦେବରା ଚମତ୍କାର ପ୍ରଦର୍ଶନ ସହ ଗୋଟିଏ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ଧୀରଜ ପ୍ରଥମେ ୧୭ ବର୍ଷୀୟା ଯୁବ ଆର୍ଚର୍ କୁମ୍‌କୁମ୍ ମୋହେଦ୍‌ଙ୍କ ସହ ରିକର୍ଭ ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାର କିଛି ଘଣ୍ଟା ପରେ ପୁରୁଷ ବ୍ୟକ୍ତିଗତ ରିକର୍ଭ ବର୍ଗରେ ମଧ୍ୟ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍ ୧୮ତମ ସ୍ଥାନରେ ଥିବା ଭାରତୀୟ ସେନାର ଆର୍ଚର୍ ଧୀରଜ ଫାଇନାଲ୍‌ରେ ଦକ୍ଷିଣ କୋରିଆର ଷ୍ଟାର୍ ଆର୍ଚର୍ ଏବଂ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଲି ବୁ ସିୟୋକ୍‌କୁ ୭-୩ରେ ହରାଇ କ୍ୟାରିୟର୍‌ର ପ୍ରଥମ ବ୍ୟକ୍ତିଗତ ଆର୍ଚରୀ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଧୀରଜ ପ୍ରଥମେ ୩୦-୨୯ ଏବଂ ୨୯-୨୮ରେ ଜିତି ୫-୧ର ଅଗ୍ରଣୀ ହାସଲ କରିଥିଲେ। ତୃତୀୟ ସେଟ୍ ୨୭-୨୭ରେ ଶେଷ ହୋଇଥିଲା। ଚତୁର୍ଥ ସେଟ୍‌ରେ ସିୟୋକ୍ ପ୍ରତ୍ୟାବର୍ତ୍ତନ କରି ୨୯-୨୭ରେ ବିଜୟୀ ହୋଇ ସ୍କୋର୍ ୫-୩ କରିଥିଲେ। ମାତ୍ର ଧୀରଜ ନିର୍ଣ୍ଣାୟକ ସେଟ୍‌ରେ ଲଗାତାର ତିନି ପରଫେକ୍ଟ ୧୦ ଲଗାଇ (ଗୋଟିଏ ଏକ୍ସ ସହିତ) ମ୍ୟାଚ୍ ୭-୩ରେ ନିଜ ନାମରେ କରିଥିଲେ। ଏହା ପୂର୍ବରୁ ୩୧ ବର୍ଷୀୟ ଧୀରଜ ଯୁବ କୁମ୍‌କୁମ୍‌ଙ୍କ ସହିତ ମିଶି ଅଲିମ୍ପିକ୍ ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫାଇନାଲ୍‌ରେ ଭାରତୀୟ ଟିମ୍ ଜିମ୍ ଜେ-ଡେଓକ୍ ଏବଂ ଓହ ୟେ-ଜିନ୍‌ଙ୍କୁ ୫-୧ (୩୭-୩୬, ୩୭-୩୬, ୩୯-୩୯)ରେ ମାତ୍ ଦେଇଥିଲେ। ଏହା ଉଭୟ ଆର୍ଚର୍‌ଙ୍କ ପ୍ରଥମ ବିଶ୍ୱକପ୍ ମିକ୍ସଡ୍ ଟିମ୍ ସ୍ୱର୍ଣ୍ଣ ପଦକ। ଏହା ପୂର୍ବରୁ ଧୀରଜ ୨୦୨୪ରେ ଅଙ୍କିତା ଭକତ ଏବଂ ୨୦୨୫ରେ ଭଜନ କୌରଙ୍କ ସହ ମିକ୍ସଡ୍ ଟିମ୍ ବ୍ରୋଞ୍ଜ ପଦକ ଜିତିଥିଲେ। ଭାରତ ଶେଷଥର ପାଇଁ ୨୦୨୨ରେ ଅନ୍ତାଲ୍ୟାରେ ବିଶ୍ୱକପ୍ ମିକ୍ସଡ୍ ଟିମ୍ ସ୍ୱର୍ଣ୍ଣ ପଦକ ଜିତିଥିଲା। ରିଧି ଫୋର୍ ଏବଂ ତରୁଣଦୀପ୍ ରାୟ ଶୁଟ୍‌ଅଫ୍‌ରେ ବ୍ରିଟେନ୍‌ର ବ୍ରାଓନୀ ପିଟ୍‌ମ୍ୟାନ୍ ଏବଂ ଆଲେକ୍ସ ୱାଇଜ୍‌ଙ୍କୁ ହରାଇ ଏହି ଉପଲବ୍ଧି ହାସଲ କରିଥିଲେ।

# ୫୦୦୦ ମିଟରରେ ନିଜ ଜାତୀୟ ରେକର୍ଡ ଭାଙ୍ଗିଲେ ପାରୁଲ୍

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ଲଙ୍ଗ୍ ଡିଷ୍ଟାନ୍ସ ରନର୍ ପାରୁଲ୍ ଚୌଧୁରୀ ମହିଳା ୫୦୦୦ ମିଟର ରେସ୍‌ରେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଶନିବାର ଫ୍ରାନ୍ସର ନାଇସ୍‌ରେ ଅନୁଷ୍ଠିତ ନିକାଇଆ ୨୦୨୬ରେ ୧୫:୦୪.୨୬ ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ସହିତ ୩୧ ବର୍ଷୀୟା ଆଥଲେଟ୍ ୨୦୨୩ରେ ସ୍ଥାପନ କରିଥିବା ତାଙ୍କ ଜାତୀୟ ରେକର୍ଡ ୧୫:୧୦.୩୫ ଛଅ ସେକେଣ୍ଡରୁ ସାମାନ୍ୟ ଅଧିକ ସମୟର ସୁଧାର କରିଛନ୍ତି। ଇଥିଓପିଆର ସେନିଆ ମହମ୍ମଦ (୧୫:୦୩.୮୫) ପାରୁଲ୍‌ଙ୍କ ଠାରୁ ମାତ୍ର ୦.୪୧ ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ହାସଲ କରିଥିଲେ। ଗତ ମାସରେ ପାରୁଲ୍ ସାଙ୍ଘାଇ ଡାଏମଣ୍ଡ ଲିଗ୍‌ରେ ୩୦୦୦ ମିଟର୍ ଷ୍ଟିପଲ୍ ଚେଜ୍ ଇଭେଣ୍ଟରୁ ସିଜନ୍ ଆରମ୍ଭ କରିଥିଲେ। ଏଥିରେ ୯ ମିନିଟ୍ ୧୨.୮୪ ସେକେଣ୍ଡ ସମୟ ନେଇଥିଲେ, ଯାହା ତାଙ୍କ ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ସମୟ ତଥା ଜାତୀୟ ରେକର୍ଡ ୯:୧୨.୪୬ ସେକେଣ୍ଡ ଠାରୁ ସାମାନ୍ୟ ମନ୍ଥର ଥିଲା। ଟୋକିଓ ଅଲିମ୍ପିକ୍ ଚାମ୍ପିଅନ୍ ଉଗାଣ୍ଡାର ପେରୁଥ୍ ଚେମୁତାଇ ଏବଂ ବିଶ୍ୱ ଚାମ୍ପିଅନ୍ କେନିଆର ଫେଥ୍ ଚେରୋଟିଚ୍‌ଙ୍କ ଭଳି ଆଥଲେଟ୍‌ଙ୍କ ମଧ୍ୟରେ ସପ୍ତମ ସ୍ଥାନରେ ରହିଥିଲେ।

# ସୋସିଆଲ୍ ମିଡିଆରେ ସେକ୍ସ ସିଣ୍ଡିକେଟ୍ ଜାଲ

ଭୁବନେଶ୍ୱର,(ଜା.ପ୍ର): ସୋସିଆଲ୍ ମିଡ଼ିଆରେ ବିଛା ଯାଇଛି ସେକ୍ସ ସିଣ୍ଡିକେଟର ଜାଲ। ଏସକର୍ଟ ସର୍ଭିସ୍ ନାଁରେ ଚାଲିଛି ବେଆଇନ କାରବାର। ରାଣୀ ମହୁମାଛି ସହ ବନ୍ଧା ହେଲେ ୩ ଦଲାଲ। ଯେଉଁମାନେ ହେଲେ କଟକ ଜିଲ୍ଲା କୁଲଶ୍ରୀର ମିଞ୍ଜି ଭୋଇ, ଖୋର୍ଦ୍ଧା କୋକସିଂହ ଗାଁର ଉମାକାନ୍ତ ଦଳାଇ ଓରଫ୍ ବାବୁନି, ବାଜପୁରର ଚିତ୍ତରଞ୍ଜନ ମହାନ୍ତି ଓରଫ୍ ପେନ୍ଥୁ ଏବଂ ନୟାଗଡ଼ ନାଗମୁଣ୍ଡଳୀର ତୋଫାନ ପ୍ରଧାନ। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏମାନେ ବିଭିନ୍ନ ସୋସିଆଲ୍ ମିଡ଼ିଆ ଆକାଉଣ୍ଟରୁ ସୁନ୍ଦରୀ ଝିଅଙ୍କ ଫଟୋ ସଂଗ୍ରହ କରି ବ୍ୟବହାର କରୁଥିଲେ ନିଜ ନେଟୱାର୍କରେ। ଆଉ ଗ୍ରାହକଙ୍କୁ ଟାଣୁଥିଲେ। ଶେଷରେ କଳିଙ୍ଗନଗର ଅଞ୍ଚଳର ଜଣେ ଲେଡି ଆଇନଜୀବୀଙ୍କ ଫଟୋର ବ୍ୟବହାର କରିବା ପଡ଼ିଲା ମହଙ୍ଗା। ତମାଣ୍ଡୋ ଥାନାରେ ଅଭିଯୋଗ ପରେ ଫିଟିଲା ଗୁମର। ପ୍ରକାଶ ଯେ ୱେବ୍ ପେଜ ମାଧ୍ୟମରେ ମାଳ ମାଳ ଯୁବତୀଙ୍କ ମିଛି ମିଛିକା ଫଟୋକୁ ବ୍ୟବହାର କରି ଗ୍ରାହକଙ୍କୁ ଆକୃଷ୍ଟ କରୁଥିଲେ ଉମା ଦଳାଇ ଆଣ୍ଡ କୋ। ପୁଲିସ ପହଞ୍ଚି ଏହି ଗ୍ୟାଙ୍ଗକୁ ଧରିବା ସହ ସେକ୍ସ ର‍୍ୟାକେଟର ଗୁମର ଖୋଲିଥିଲା। କମିଶନରେଟ୍ ପୁଲିସ, ଖୋଲତାଡ଼ ସମୟରେ ସ୍କ୍ରିନସଟ, ଚାଟ୍ ରେକର୍ଡ, ମୋବାଇଲ ନମ୍ବର, ୟୁପିଆଇ କାରବାର ସମ୍ବନ୍ଧୀୟ ତଥ୍ୟ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ସଂଗ୍ରହ କରୁଛି।

# ଅଦିନିଆ ରଥଯାତ୍ରାକୁ ବିରୋଧ କରିବାରୁ ଗାଳି

ଭୁବନେଶ୍ୱର,(ଜା.ପ୍ର): ଅଦିନିଆ ରଥଯାତ୍ରାକୁ ବିରୋଧ କଲେ ଗାଳି କରୁଛି ଇସ୍କନ। ଜଗନ୍ନାଥପ୍ରେମୀ ଓ ଓଡ଼ିଆଙ୍କୁ ଟାର୍ଗେଟ୍ କରି ଅଶାଳୀନ ଓ ଅପମାନଜନକ ଭାଷା ପ୍ରୟୋଗ କରାଯାଉଛି। ଏମିତିକି ଡଗ୍ ବା କୁକୁର ବୋଲି ବି କହିବାକୁ ପଛାଉ ନାହାନ୍ତି ଇସ୍କନ ଓ ଇସ୍କନ ଅନୁଗାମୀ। ଯାହାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ହୋଇଛି ପ୍ରତିକ୍ରିୟା।

ଥରେ କି ୧୦ ଥର ନୁହେଁ, ବାରମ୍ବାର କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଅସମ୍ମାନ କରିଚାଲିଛି ଇସ୍କନ। ଅଦିନରେ, ଅତିଥିରେ ରଥ ଗଡ଼ାଉଛି ପୁଣି ବିଶ୍ୱନିୟନ୍ତାଙ୍କୁ ରାସ୍ତାରେ ବସାଇଦେଉଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନମାନି ମନମାନୀ ଚଳାଇଥିବା ଇସ୍କନ ବିରୋଧରେ ଓଡ଼ିଶାରୁ ଆମେରିକା ଯାଏଁ ଆକ୍ରୋଶ ବଢ଼ିଛି। ବିଦେଶରେ ଯେଉଁଠି ଅଦିନିଆ ରଥଯାତ୍ରା ହେଉଛି ତୀବ୍ର ବିରୋଧ କରୁଛନ୍ତି ପ୍ରବାସୀ ଓଡ଼ିଆ। ହେଲେ ଇସ୍କନ ସୁଧୁରିବ କ'ଣ, ଓଲଟି ଜବାବ ଦେବାକୁ ଲଗାଇଦେଇଛି ଟ୍ରୋଲ୍ ଆର୍ମୀ। ସୋସିଆଲ୍ ମିଡିଆରେ ଅଦିନିଆ ରଥଯାତ୍ରାକୁ ନେଇ ଆପତ୍ତି ଉଠାଉଥିବା ଓଡ଼ିଆଙ୍କୁ ଖୋଲାମଖୋଲା ଅଶ୍ରାବ୍ୟ ଭାଷା ପ୍ରୟୋଗ କରୁଛନ୍ତି ଇସ୍କନ ଅନୁଗାମୀ। ଏମିତି ମାଳମାଳ କମେଣ୍ଟ ମାଧ୍ୟମରେ ଟାର୍ଗେଟ୍। ଯାହାକୁ ନେଇ ଚାରିଆଡ଼େ ପ୍ରକାଶ ପାଇଛି ତୀବ୍ର ଅସନ୍ତୋଷ। ଇସ୍କନର ଅଭଦ୍ର ଆଚରଣ ଓ ଜଗନ୍ନାଥ ସଂସ୍କୃତି ବିରୋଧୀ ଷଡ଼ଯନ୍ତ୍ରକୁ ନେଇ ଏକଦମ୍ ଖପ୍ପା ହେଲେଣି ରାଜ୍ୟବାସୀ ଓ ସେବାୟତ। ବିଳମ୍ବ ନକରି ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀକ୍ଷେତ୍ରରୁ ବିଦେଶ ଯାଏଁ ସ୍ୱର ତୀବ୍ର ହେଲାଣି।

ଜାତୀୟ ଚେତନା
JATIYA CHETANA





# ଶ୍ରାବଣର ଶେଷ ଲୁହ

ଫେରିବାଲା ଡାକିବା ପରି ଝରକା ସେପଟେ ଅତି ଆକୁଳ ହୋଇ ଡାକୁଥିଲା ଶ୍ରାବଣର ବର୍ଷା। ବିଂଶ ଶତାବ୍ଦୀର ସେହି ନିଛାଟିଆ ଅପରାହ୍ଣରେ, ନିଜର ବିଶାଳ ପ୍ରାସାଦ ଭଳି ଘରେ ଏକୁଟିଆ ଥିବା ବେଳେ ବର୍ଷାର ଏହି ନିମନ୍ତ୍ରଣକୁ କେବେ ବି ଏଡ଼ାଇ ପାରନ୍ତିନି ମିସେସ୍ ପଟ୍ଟନାୟକ। ସତେ ଯେମିତି ସେହି ବର୍ଷାର ପ୍ରତ୍ୟେକଟି ଟୋପା ତାଙ୍କୁ ଟାଣି ନେଉଥିଲା ଏକ ଅତୀତର କାହାଣୀ ଭିତରକୁ। ଏହି ବାହ୍ୟ ଜଗତର କୋଳାହଳଠାରୁ ଦୂରରେ, ସେ ନିଜ ଭିତରେ ଖୋଜିବାକୁ ଚେଷ୍ଟା କରନ୍ତି ନିଜର ସେହି ପୁରୁଣା ପରିଚୟକୁ, ଯାହାକୁ ସେ କେବେଠାରୁ ଏହି ସମ୍ଭ୍ରାନ୍ତ ଘରର ବୋହୂ ସାଜିବା ଭିତରେ ହରାଇ ସାରିଛନ୍ତି।

ସେ ଆଜି ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ। ବେଡରୁମର କୋଣରେ ଥିବା ସେହି ମୂଲ୍ୟବାନ କାଠର ଆଲମିରା ଭିତରର ସବୁଠାରୁ ଗୁପ୍ତ ଥାକରୁ କାଢ଼ି ଆଣିଲେ ତାଙ୍କର ଅତି ପ୍ରିୟ, କିନ୍ତୁ ପୁରୁଣା ହାତବ୍ୟାଗ୍‌ଟିକୁ। ତା ଭିତରୁ ଗୋଟି ଗୋଟି କରି ସେ କାଢ଼ିବାକୁ ଲାଗିଲେ ତାଙ୍କ ସମଗ୍ର ଅତୀତକୁ। ସେହି ବ୍ୟାଗ୍ ଭିତରେ ସାଇତା ହୋଇ ରହିଥିଲା ପ୍ରାୟ କୋଡ଼ିଏ ବର୍ଷ ତଳର କେତେକ ପୁରୁଣା ଚିଠି, ଯାହାର କାଗଜ ଗୁଡ଼ିକ ଏବେ ହଳଦିଆ ପଡ଼ିଗଲାଣି। ତା' ସହିତ ଥିଲା ଗୋଟେ ରଙ୍ଗଛଡ଼ା ଫଟୋ ଓ ମେଞ୍ଚାଏ ବର୍ଷାଭିଜା ମିଠା ସ୍ମୃତି। ସେ ଅତି ଆଦରରେ, ଧୀର ଅଙ୍ଗୁଳିରେ ଛୁଇଁଲେ ସେସବୁକୁ। ମନଭରି ଦେଖିଲେ ସେହି ଫଟୋକୁ, ଯେଉଁଥିରେ ଜଣେ ତେଜସ୍ୱୀ ଯୁବକର ଆଖିରେ ସାରା ଦୁନିଆର ସ୍ୱପ୍ନ ଭରି ରହିଥିଲା। ପଢ଼ିଲେ ସେହି ଚିଠି ସବୁକୁ, ଯେଉଁଥିରେ ପ୍ରେମର ପ୍ରତିଟି ଶବ୍ଦ ଅତି ନିଷ୍ଠାର ସହ ଲେଖାଯାଇଥିଲା। ପଢୁ ପଢୁ କେଇ ଟୋପା ଲୁହ ନିଗିଡ଼ି ପଡ଼ିଲା ତାଙ୍କ ଆଖିରୁ।

ସ୍ମୃତିର ସେହି ପୁରୁଣା ପୃଷ୍ଠା ଓଲଟିଗଲା। ସୀମା ସହିତ ସମୀରର ପ୍ରଥମ ଦେଖା ହୋଇଥିଲା, ଯେତେବେଳେ ଆକାଶରେ ମେଘର ଏକ ବିରାଟ ହାଟ ବସିଥିଲା। କଳାହାଣ୍ଡିଆ ମେଘଖଣ୍ଡ ସବୁ ଆକାଶରେ ପରସ୍ପରକୁ ଗୋଡ଼ାଉଥିଲେ, ସତେ ଯେମିତି ସେମାନଙ୍କ ମଧ୍ୟରେ କୌଣସି ପ୍ରତିଯୋଗିତା ଚାଲିଛି। ଟପଟପ ହୋଇ ଝରିପଡୁଥିଲା ମାଛକାତି ରଙ୍ଗର ଚକ୍‌ଚକ୍ ବର୍ଷା ଟୋପା। ସେତେବେଳେ ସୀମା ଆଖିରେ ସମୀର ଦେଖିଥିଲା ଅସହାୟତାର କିଛି ମେଘଖଣ୍ଡ। କିନ୍ତୁ ସୀମାକୁ ଦେଖିଦେବା ପରେ ସମୀର ଆଖିରେ ସେତେବେଳେ ଚକଚକ କରୁଥିଲା ସକାଳର ସୂର୍ଯ୍ୟ।

ବର୍ଷା କ'ଣ କେବେ ଏକା ଆସେ ! ବର୍ଷା ସାଥିରେ ଆଣେ ଚିକମିକ ଆଲୁଅ ଓ ଶବ୍ଦର ଏକ ଅପୂର୍ବ ରୋଶଣି। ଆକାଶର ବିଶାଳ ଛାତିରେ ଆଙ୍କି ହୋଇଯାଉଥିଲା ଚିକମିକ୍ ବିଜୁଳିର କ୍ଷଣସ୍ଥାୟୀ ରେଖା ଓ ଛାତି ଥରେଇ ଦେଉଥିଲା ଢୁ ଢୁ ଘଡ଼ଘଡ଼ିର ଆୱାଜ। ସୀମା ଆଖିରେ ପହଁରୁଥିଲା ଭୟ ଓ ଆଶଙ୍କା, ମାତ୍ର ସମୀର ଆଖିରେ ଲହଡ଼ି ଭାଙ୍ଗୁଥିଲା ଏକ ଅନାବିଳ ଖୁସି, କେବଳ ସୀମାର ସେହି ନିବିଡ଼ ଉପସ୍ଥିତିରେ। ବାଟଚଲା ଲୋକମାନେ ବର୍ଷାରୁ ନିଜକୁ ବଞ୍ଚାଇବା ପାଇଁ ମୁଣ୍ଡ ଗୁଞ୍ଜି ଦେଇଥିଲେ ଆଖପାଖର ବିଭିନ୍ନ ଦୋକାନ ବାରଣ୍ଡାରେ। ସୀମା କିନ୍ତୁ ଉଠି ଯାଇପାରୁନଥିଲା କେଉଁ ଦୋକାନର ବାରଣ୍ଡା ଉପରକୁ। ଠିକ୍ ସେହି ସମୟରେ ସୀମା ପହଞ୍ଚି ଯାଇଥିଲା ସମୀରର ପାଖାପାଖି। ସମୀର ପାଖରେ ଏକ ବଡ଼ କଳା ଛତା ଥିବାରୁ ସେ ରାସ୍ତାରେ ଅତି ବେଫିକର୍ ହୋଇ ଚାଲୁଥିଲା। ହଠାତ୍ ଗୋଟେ ଭୟଙ୍କର ଘଡ଼ଘଡ଼ିର ଗର୍ଜନରେ ସୀମା ଭୟଭୀତ ହୋଇ ପଶିଆସିଲା ସମୀରର ସେହି ଛତା ଭିତରକୁ। ସମୀର ବି ଠିକ୍ ସେହି ସମୟରେ ସୀମା ଆଡ଼କୁ ଛତା ଦେଖେଇ ଆଖିରେ ଇସାରା କରିଥିଲା ତାକୁ ସେହି ଆଶ୍ରୟ ଭିତରକୁ ଆସିବା ପାଇଁ। ଏସବୁ କିଛି କ୍ଷଣ ମଧ୍ୟରେ ଘଟି ଯାଇଥିଲା, ସେତିକି ସମୟ ଭିତରେ ଯେତିକି ସମୟରେ ଆକାଶରେ ବିଜୁଳି ଓ ଘଡ଼ଘଡ଼ି ଆସି ପୁଣି ମିଳେଇ ଯାଇଥିଲା। ସେହି ଗୋଟିଏ ମୁହୂର୍ତ୍ତ ସେମାନଙ୍କ ଜୀବନର ଗତିପଥକୁ ଚିରଦିନ ପାଇଁ ବଦଳାଇ ଦେଇଥିଲା।

ସୀମା ଓ ସମୀର ଚାଲୁଥିଲେ ଗୋଟିଏ ଛତା ତଳେ, ଗୋଟେ ଅପୂର୍ବ ବର୍ଷାଭିଜା ଅପରାହ୍ଣରେ। ସେମାନେ କୁଆଡ଼େ ଯାଉଥିଲେ, ତାହା ବୋଧେ କେହି ଜାଣିନଥିଲେ, ଏପରିକି ସେମାନେ ନିଜେ ମଧ୍ୟ ନୁହେଁ। ଟିକିଏ ପୂର୍ବରୁ ଅତି ବିବ୍ରତ ଓ ଭୟଭୀତ ଥିବା ସୀମାର ଚାଲିରୁ ଜଣାଯାଉଥିଲା, ସେ ଆଉ ଜମା ବ୍ୟସ୍ତ ନଥିଲା। ସମୀର ତ ଆଦୌ ବି ବ୍ୟସ୍ତ ନଥିଲା ଆଗକୁ ଯିବାକୁ। ସୀମା ଦେହର ସେହି ସୁଗନ୍ଧିତ ପରଫ୍ୟୁମ୍‌ର ବାସ୍ନା ସମୀର ନାକ ବାଟ ଦେଇ ପବନରେ ମିଶିବା ପୂର୍ବରୁ ଯଥାସମ୍ଭବ ନିଜ ଭିତରକୁ ଶୋଷି ନେଉଥିଲା ସମୀର। ଏମିତି ଏକ ପ୍ରକୃତିର ଐଶ୍ୱରିକ ରଚନାକୁ ସେହି ସୀମିତ ଛତାର ଆବରଣ ତଳେ ଢାଙ୍କିବାକୁ ଆଦୌ ଚାହୁଁନଥିଲା ସମୀର। ହଠାତ୍ ସେ ବନ୍ଦ କରିଦେଲା ସେହି ଛତାଟିକୁ। ଏତେ ବଡ଼ ବଡ଼ ଆଖି କରି ଆଶ୍ଚର୍ଯ୍ୟରେ ସମୀରକୁ ଚାହିଁଲା ସୀମା। ସମୀର ଆଖିରେ ଝଟକୁ ଥିଲା ଏକ ନିଷ୍ପାପ ଚେନାଏ ହସ। ସେହି ହସର ପ୍ରଭାବରେ ବୋଧେ ସଂକ୍ରମିତ ହୋଇଗଲା ସୀମା। ସେ ବି ନିଜ ଓଠ କୋଣରେ ହସିଦେଲା ଅଳ୍ପ ଟିକେ। ଆକାଶରୁ ଝରୁଥିଲା ଅଦେଖା ବର୍ଷା ସେମାନଙ୍କ ଉପରେ। ଗୋଟିଏ ମେଘଖଣ୍ଡର ବର୍ଷାକୁ ସମାନ ଭାଗ କରି ଭିଜିଲେ ସେମାନେ।

ବାଟରେ ଯାଉଥିବା ଲୋକମାନେ ସନ୍ଦେହ ଓ କୌତୂହଳ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରୁଥିଲେ ସେହି ଅଦ୍ଭୁତ ଦୃଶ୍ୟକୁ। ଠିକ୍ ସେତିକିବେଳେ ଟ୍ରାଫିକ ଛକରେ ଗୋଲାପ ଫୁଲ ବିକୁଥିବା ଜଣେ କିଶୋରୀ ସମ୍ପୂର୍ଣ୍ଣ ବର୍ଷାରେ ଭିଜି ଭିଜି ସେମାନଙ୍କୁ ଅତିକ୍ରମ କରୁଥିଲା। ସମୀର କୌଣସି ଦ୍ୱିଧା ନକରି ତାର ସେହି ଛତାଟାକୁ ଖୋଲି ଧରେଇ ଦେଲା ସେହି ଗରିବ ଫୁଲବିକାଳି କିଶୋରୀଟି ହାତରେ। ତା' ମୁଣ୍ଡ ଉପରେ ପଡୁଥିବା ଶୀତଳ ବର୍ଷାଟୋପାକୁ ଅଟକେଇ ଦେଲା ସେହି ଆଶ୍ରୟ। ଖୁସି ଓ ଆଶ୍ଚର୍ଯ୍ୟରେ ଚମକି ଉଠିଲା କିଶୋରୀଟିର ଆଖି। ଛତାଟିକୁ ଧରି ଚାଲିଯିବା ପୂର୍ବରୁ ସେହି ଫୁଲବିକାଳି କିଶୋରୀ ଜଣକ ଦୁଇଟି ସୁନ୍ଦର ଲାଲ୍ ଗୋଲାପ ଫୁଲ ଧରେଇ ଦେଲା ସମୀର ଓ ସୀମାର ହାତରେ। ସୀମା କିଛି ନଭାବି ଯନ୍ତ୍ରବତ୍ ତା ଗୋଲାପଟିକୁ ସମୀର ହାତକୁ ବଢ଼େଇଦେଲା ଏବଂ ବର୍ଷାରେ ଅଡୁଆ ହୋଇଯାଉଥିବା ତା' ଓଢ଼ଣିକୁ ଦୁଇ ହାତ ସାହାଯ୍ୟରେ ସଜାଡ଼ିବାକୁ ଲାଗିଲା। ସମୀର ହାତରେ ଏବେ ଥିଲା ଦୁଇଟି ଯାକ ଗୋଲାପ। ସୀମା ତା' ଓଢ଼ଣି ସଜାଡ଼ି ସାରିବା ପରେ ସମୀର ଅତି ସମ୍ମାନର ସହ ଦୁଇଟାଯାକ ଗୋଲାପ ଧରେଇ ଦେଲା ତାର ପାପୁଲିରେ। ସମୀର, ସୀମା ଓ ସେହି ଦୁଇଟା ଗୋଲାପ ସେଦିନ ବର୍ଷାରେ ଏକାଠି ଭିଜୁଥିଲେ। ସେହିଦିନଠାରୁ ସମୀର ଓ ସୀମା ସାଥି ହୋଇ ଅନେକ ଥର ବର୍ଷାରେ ଭିଜିଲେ ଓ ପରସ୍ପରଙ୍କ ଗଭୀର ପ୍ରେମରେ ବି।

ଦୁଃଖ ଓ ନିରାଶାରେ ସମ୍ପୂର୍ଣ୍ଣ ଜଡ଼ସଡ଼ ହୋଇଯାଇଥିଲା ସମୀର। ସୀମା ନିଜ କୋହକୁ ଚାପି ବହୁତ ବୁଝାଇଲା ସମୀରକୁ ନ କାନ୍ଦିବାକୁ, ନିଜକୁ ସମ୍ଭାଳିବାକୁ। ସମୀର କିଛି ନକହି କେବଳ ଧୀରେ ବନ୍ଦ କରିଦେଇଥିଲା ତା'ପରେ ସୀମା ପାଲଟିଗଲା ସମ୍ଭ୍ରାନ୍ତ ପରିବାରର ମିସେସ୍ ପଟ୍ଟନାୟକ ଏବଂ ସମୀର ହଜିଗଲା ଜନସମୁଦ୍ର ଭିତରେ। ଏବେ ସେହି ଶ୍ରାବଣର ବର୍ଷାକୁ ଝରକା ବାଟେ ଦେଖି ଦେଖି ମନଭରି ଭୋଗୁଥିଲେ ମିସେସ୍ ପଟ୍ଟନାୟକ। ତାଙ୍କର କୋଡ଼ିଏ ବର୍ଷ ତଳର ସେହି ପବିତ୍ର ପ୍ରେମ। ସେ ଆଉ ବର୍ତ୍ତମାନର ସଂସାର ଭିତରେ ନଥିଲେ। ଖଟ ଉପରେ ସେମିତି ଅଯତ୍ନରେ ପଡ଼ିଥିଲା ତାଙ୍କ ପ୍ରେମିକର ସେହି ହାତଲେଖା ପୁରୁଣା ଚିଠି ସବୁ, ରଙ୍ଗ ଉଡ଼ିଯାଇଥିବା ଫଟୋ ଓ ଦୁଇଟା ସମ୍ପୂର୍ଣ୍ଣ ଶୁଖିଲା ଗୋଲାପ। ତାଙ୍କ ହାତ ପାପୁଲିରେ ନାଚୁଥିଲା ବର୍ଷା। ସେହି ସମୟରେ ଘର ଭିତରେ କାହାର ଉପସ୍ଥିତି ତାଙ୍କ ଜ୍ଞାନକୁ ଆସନ୍ତା କୁଆଡୁ ! ସେ ତ ବର୍ତ୍ତମାନରେ ନାହାନ୍ତି, ସେ ତିନ୍ତୁଛନ୍ତି ଅତୀତର ସେହି ମଧୁର ବର୍ଷାରେ।

ଠିକ୍ ଏତିକିବେଳେ ସେଠାରେ ପ୍ରବେଶ କଲେ ତାଙ୍କ ସ୍ୱାମୀ ଡାକ୍ତର ପଟ୍ଟନାୟକ। ସେ ଖଟ ଉପରେ ପଡ଼ିଥିବା ସେହି ପୁରୁଣା ଚିଠିଗୁଡ଼ିକୁ ଦେଖିଲେ। ସେହି ଶୁଖିଲା ଗୋଲାପ ଦୁଇଟିକୁ ଯତ୍ନରେ ନିଜ ହାତରେ ଛୁଇଁଲେ, ଯାହା ଫଳରେ ଭାଙ୍ଗି ପଡ଼ିଲା ତାର କେତେଟା ଜୀର୍ଣ୍ଣ ପାଖୁଡ଼ା। ଶେଷରେ ରଙ୍ଗ ଛାଡ଼ି ଆସୁଥିବା ସେହି ପୁରୁଣା ଫଟୋଟିକୁ ଦେଖି ହଠାତ୍ ଅଟକି ଗଲେ ସେ। ସେ ଆଉଥରେ ଆଖିକୁ ସଂକୁଚିତ କରି ନିରିଖେଇ ଦେଖିଲେ। ସେ ଫଟୋରେ ଥିବା ଚେହେରାକୁ ଠିକ୍ ଚିହ୍ନିପାରିଲେ। ସେ ସ୍ତବ୍ଧ ହୋଇଗଲେ। ଏହି ଚେହେରା ତ ସେହି ବ୍ୟକ୍ତିର, ଯିଏ ମାତ୍ର ଦିନେ ତଳେ କେତେ ଜଣ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଜିଲ୍ଲା ଡାକ୍ତରଖାନାରୁ ତାଙ୍କର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇ ଆସିଛି। ସେ ହେଉଛି ଜଣେ ଶେଷ ଅବସ୍ଥାରେ ଥିବା ରକ୍ତ କର୍କଟ (ବ୍ଲଡ଼୍ କ୍ୟାନ୍ସର) ରୋଗୀ। ଏହି ସଂସାରରେ କେହି ବି ନାହାନ୍ତି ତାର ଦେଖାରଖା କରିବା ପାଇଁ। କେତେବେଳେ ବି ଚାଲିଯାଇପାରେ ତାର ପ୍ରାଣବାୟୁ। ତା'ର ଚିକିତ୍ସା ରିପୋର୍ଟ ଦେଖି ସେଦିନ ଆଶ୍ଚର୍ଯ୍ୟ ହୋଇଥିଲେ ଡାକ୍ତର ପଟ୍ଟନାୟକ, କେମିତି ଜଣେ ମଣିଷ ଏତେ ଦିନ ଧରି ଏପରି ଏକ ମାରାତ୍ମକ କର୍କଟ ରୋଗକୁ ନିଜ ଦେହରେ ଧରି କେବଳ ଏକ ଅଦୃଶ୍ୟ ଆଶାରେ ବଞ୍ଚି ରହିଛି !

ଡାକ୍ତର ପଟ୍ଟନାୟକ ଆଉ ଟିକେ ମାତ୍ର ବିଳମ୍ବ ନକରି ସିଧା ଝରକା ପାଖକୁ ଗଲେ ଏବଂ ଅତି ଦୃଢ଼ତାର ସହ ଟାଣି ଆଣିଲେ ମିସେସ୍ ପଟ୍ଟନାୟକଙ୍କୁ। ସ୍ୱାମୀଙ୍କୁ ହଠାତ୍ ସେଠାରେ ଦେଖି ଚମକି ପଡ଼ିଲେ ସୀମା ଏବଂ ନିଜର ସେହି ଅତୀତର ଚିଠି ଓ ଗୋଲାପଗୁଡ଼ାକୁ ଲୁଚେଇବାକୁ ଧାଇଁ ଯାଉଥିଲେ। ହେଲେ ସେତକ ସୁଯୋଗ ବି ତାଙ୍କୁ ଦେଲେନି ତାଙ୍କର ସ୍ୱାମୀ ଡାକ୍ତର ପଟ୍ଟନାୟକ। ସେ ସୀମାଙ୍କର କୌଣସି କଥା ନଶୁଣି ସିଧା ତାଙ୍କୁ ନେଇ ନିଜ କାରରେ ବସେଇଲେ ଏବଂ ଗାଡ଼ି ଷ୍ଟାର୍ଟ କଲେ। ନିଜର ଗୋପନୀୟତା ପ୍ରକାଶ ପାଇଯାଇଥିବାରୁ ଲଜ୍ଜା, ଭୟ ଓ ଅପମାନରେ କିଛି କହିପାରୁନଥିଲେ ମିସେସ୍ ପଟ୍ଟନାୟକ। ସେ କେବଳ କାନ୍ଦ କାନ୍ଦ ସ୍ୱରରେ ଏତିକି ପଚାରିଲେ, 'କେତେବେଳଠୁ ଆସିଲଣି ତୁମେ ଘରକୁ ? ଆଉ କୁଆଡ଼େ ଯାଉଛେ ଆମେ ଏହି ବର୍ଷାରେ ?' ଡାକ୍ତର ପଟ୍ଟନାୟକ ସାମ୍ନାକୁ ଚାହିଁ ଗମ୍ଭୀର ସ୍ୱରରେ କହିଲେ, 'ଶୀଘ୍ର ନଗଲେ ବହୁତ ଡେରି ହୋଇଯିବ, ବୋଧେ ଚିରଦିନ ପାଇଁ ଡେରି ହୋଇଯିବ।' ଏହା କହି ସେ ଗାଡ଼ିର ଗତି ବଢ଼ାଇ ଦେଲେ।

ଡାକ୍ତରଖାନାରେ ପହଞ୍ଚି, ସିକ୍ୟୁରିଟିକୁ କାର୍ ପାର୍କିଙ୍ଗ୍ କରିବାକୁ ଚାବି ଦେଇ, ଡାକ୍ତର ପଟ୍ଟନାୟକ ମିସେସ୍ ପଟ୍ଟନାୟକଙ୍କ ହାତକୁ ଅତି ଶକ୍ତ ଭାବେ ଧରି ସିଧା ସେହି ଜରୁରୀକାଳୀନ ବିଭାଗର ଆଇ.ସି.ୟୁ. (ଗହନ ଚିକିତ୍ସା କକ୍ଷ) ଭିତରକୁ ଛୁଟିଗଲେ। ଭିତରେ ବିଭିନ୍ନ ଯନ୍ତ୍ରପାତିର ଶବ୍ଦ ମଧ୍ୟରେ ଶୋଇଥିଲା ସେହି ରକ୍ତ କର୍କଟର ଶେଷ ଅବସ୍ଥାରେ ଥିବା ଅସହାୟ ରୋଗୀଟି। ନା, ସେ ସମ୍ପୂର୍ଣ୍ଣ ଶୋଇନଥିଲା, ସେ ତାର ଦୁର୍ବଳ ଆଖିରେ କାହାର ଏକ ଶେଷ ଅପେକ୍ଷା କରିଥିଲା। ଡାକ୍ତର ପଟ୍ଟନାୟକ କୌଣସି ସାମାଜିକ ସଂକୋଚ ନରଖି, ମିସେସ୍ ସୀମା ପଟ୍ଟନାୟକଙ୍କୁ ନେଇ ସିଧା ଠିଆ କରେଇଦେଲେ ସେହି ମୁମୂର୍ଷୁ ରୋଗୀଟିର ସାମ୍ନାରେ। କାରରୁ ଓହ୍ଲାଇବା ବେଳେ ବାହାରର ଅଳ୍ପ ଟିକେ ବର୍ଷା ଟୋପା ପଡ଼ିଥିଲା ମିସେସ୍ ସୀମା ପଟ୍ଟନାୟକଙ୍କ ମୁହଁରେ, ଯାହା ତଳକୁ ବୋହିଯାଉଥିଲା।

ସେହି ଦୁର୍ବଳ ଆଲୋକରେ, ବେଡ୍ ଉପରେ ଥିବା ବ୍ୟକ୍ତି ଜଣକ ନିଜ ଆଖି ଖୋଲି ଚାହିଁଲେ। ତାଙ୍କ ସାମ୍ନାରେ ଠିଆ ହୋଇଥିବା ସୀମା ଠିକ୍ ସେମିତି ଦେଖାଯାଉଥିଲା, ଯେମିତି ସେ କୋଡ଼ିଏ ବର୍ଷ ତଳର ସେହି ପ୍ରଥମ ବର୍ଷାଭିଜା ଅପରାହ୍ଣରେ ଦେଖାଯାଉଥିଲା। ବାହାରେ ଝୋ ଝୋ ବର୍ଷା ନିର୍ଦ୍ଦୟ ଭାବେ ଢାଳୁଥିଲା, ସତେ ଯେମିତି କାହାଣୀର ପରିସମାପ୍ତି ଲେଖୁଥିଲା। ମିସେସ ସୀମା ପଟ୍ଟନାୟକଙ୍କ ଆଖିରୁ ଏବେ ବାସ୍ତବ ଶ୍ରାବଣ ବର୍ଷିବାକୁ ଆରମ୍ଭ କରୁଥିଲା, ଯାହାକୁ ଲୁଚାଇବା ପାଇଁ ସେଠାରେ କୌଣସି ବାହ୍ୟ ବର୍ଷା ନଥିଲା। କୋଡ଼ିଏ ବର୍ଷର ସେହି ଦୀର୍ଘ ଓ ନିରବ ଅପେକ୍ଷା ଆଜି ଶେଷ ହୋଇଥିଲା। ସୀମାକୁ ନିଜ ସାମ୍ନାରେ ଦେଖିବା ପରେ, ସମୀରର ଓଠ କୋଣରେ ସେହି କୋଡ଼ିଏ ବର୍ଷ ତଳର ଚେନାଏ ନିଷ୍ପାପ ହସ ଖେଳିଗଲା।

**ଜଗବନ୍ଧୁ ଜଗନ୍ନାଥ ପ୍ରହରାଜ**
ରାଉରକେଲା, ସୁନ୍ଦରଗଡ଼

## ବାହାନା

ତମ ବାହାନା ବି ତମ ଭଳି ସରଳ
ଯାହା ସରଳତାରେ ମୁଁ ଛନ୍ଦି ହୁଏ
ଥରକୁ ଥର।
ସତେ ଯେମିତି ତୁମେ
ବାହାନାର ଗନ୍ତାଘର !!!
ଅସୁମାରୀ ବାହାନା ହିଁ
ତମ ସଂସାର।
ପ୍ରତି ଥର ସୃଷ୍ଟି କର
ଅନେକ ବାହାନା
ସତେ ଯେମିତି ତମ ମରୁଭୂମିରେ
ମୁଁ ହିଁ ଗୋଟିଏ ଜଳସ୍ତର।
ସବୁବେଳେ ତମେ ସେମିତି
ଅବୁଝା ସମୁଦ୍ରଟିଏ
ଯିଏ ବାର ବାର ବାହାନା ଖୋଜେ
କୂଳକୁ ଛୁଇଁବା ପାଇଁ
ଆଉ ମୁଁ !!
ମୁଁ ସାଜେ ନିରବ କୂଳ
ତମ ଅନାବିଳ ପ୍ରେମ ପାଇଁ।

**ପୂର୍ଣ୍ଣିମା ଲେଙ୍କା**
ତାଳଚେର, ଅନୁଗୁଳ

## କୁଳି

ଜୀବନ ପୃଷ୍ଠାରେ ଖୋଜି ମୁଁ ପାଏନା
ସୁଖ ବୋଲି ବର୍ଣ୍ଣ ଦୁଇ,
ରୁକ୍ଷ ଉରସ ମୋ ଜୀବନ ଜାତକ
ଦୁଃଖ ମୋର ବନ୍ଧୁ ଭାଇ।(୧)
ଜୀବନ ବଜାରେ ସୁଖର ସଉଦା
ପଡ଼ଇ ମହଙ୍ଗା ମୋତେ,
ଅଭାବୀ ପାଞ୍ଜିରେ ମୋର ଦିନ ବାର
ବିହି ଗଣିଛି କି ସତେ।(୨)
ପାପୁଲିର ରେଖା କହିଦିଏ ଭାଗ୍ୟ
ନାକ ଟେକିଦିଏ ହସି,
ବିଦୂପର ଛିଟା ଛିଞ୍ଚି ଦେଇଯାଏ
ସୁଖ ଯାଏ ଦୂରେ ରୁଷି।(୩)

**ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ଢେଙ୍କାନାଳ

## କିନ୍ନର

କାହା ପାଖେ ଲୋଡ଼ିବୁ ଆଶ୍ରା
ଜୀବନ କାନ୍ଦୁଛି ଜନ୍ମ ପରେ
ଆତ୍ମୀୟତା କାହିଁ ସାଉଁଟିବୁ କୁହ
କେବଳ ଟାହିଟାପରା
ଦରଭଙ୍ଗା ପୋଡ଼ା ଭାଗ୍ୟ ନେଇ
ନିତି ଭିଜୁଛୁ ଲୁହରେ।
ଆମେ କିନ୍ନର, ଅଭିଶପ୍ତ
ଅସ୍ତିତ୍ୱଟା ଅବାନ୍ତର
ଅହଂକାର ନାହିଁ ଏ ରୂପରେ
ଖୁସି ଧୋଇନେଲା ଏ ଜନ୍ମ ଆମର।
ଗଢ଼ା ଆମ ପାଇଁ ଏକ
ନୂତନ ଦୁନିଆ
ଜାତିରେ ଆମେ ଅଲଗା
ଉଜୁଡ଼ା ଜୀବନ ନେଇ
ଭିନ୍ନ ଆମେ, ଭିନ୍ନ ଆମ ବ୍ୟବହାର
ଯନ୍ତ୍ରଣାରେ ଜର୍ଜରିତ
ପ୍ରତି ମୁହୂର୍ତ୍ତ ଆମେ
ଦୁଃଖ ଆମ ସୀମାହୀନ
ବିଧାତା କରିଛି ଛଳନା
ସୃଷ୍ଟିରେ ଆମର
ଅଧାଗଢ଼ା ଆମେ
ସମାଜ ଦିଏ ନିର୍ଯାତନା।

**କିରଣ ମନୀଷା ମହାନ୍ତି**
ରେଞ୍ଚ, ପୁରୀ

ଜାତୀୟ ଚେତନା
JATIYA CHETANA



# ମଣିଷ ବଦଳିଲେ ବଦଳିବ ସମାଜ

## ମୂଲ୍ୟବୋଧର ସଙ୍କଟ, ମାନବିକତାର ଅବକ୍ଷୟ ଓ ଆତ୍ମସଂଶୋଧନର ଆହ୍ୱାନ

ଆଜିର ବିଶ୍ୱ ବିଜ୍ଞାନ, ପ୍ରଯୁକ୍ତି ଓ ଆଧୁନିକତାର କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି କରିଛି। ମଣିଷ ଚନ୍ଦ୍ର ଓ ମଙ୍ଗଳ ଅଭିଯାନର ସ୍ୱପ୍ନକୁ ସାକାର କରୁଛି, କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ବିପ୍ଳବ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଛୁଇଁ ପାରିଛି। ପୃଥିବୀର ଗୋଟିଏ କୋଣରେ ବସିଥିବା ମଣିଷ ଅନ୍ୟ କୋଣରେ ଥିବା ବ୍ୟକ୍ତିଙ୍କ ସହ ମାତ୍ର କିଛି ସେକେଣ୍ଡ ମଧ୍ୟରେ ସଂଯୋଗ ସ୍ଥାପନ କରିପାରୁଛି। ଜୀବନର ଅନେକ କଷ୍ଟସାଧ୍ୟ କାର୍ଯ୍ୟ ଆଜି ଯନ୍ତ୍ର ଦ୍ୱାରା ସହଜ ହୋଇଯାଇଛି। କିନ୍ତୁ ଏହି ଅଗ୍ରଗତିର ମଧ୍ୟରେ ଏକ ପ୍ରଶ୍ନ ବାରମ୍ବାର ମନକୁ ଆନ୍ଦୋଳିତ କରୁଛି। ଆମେ ବାହ୍ୟ ଜଗତକୁ ଯେତେ ଉନ୍ନତ କରିଛୁ, ଆମ ଅନ୍ତର୍ଜଗତକୁ କି ସେତେ ଉନ୍ନତ କରିପାରିଛୁ ?

ଦୁଃଖର ବିଷୟ, ଏହି ପ୍ରଶ୍ନର ଉତ୍ତର ସବୁବେଳେ ସକାରାତ୍ମକ ନୁହେଁ। ଆଧୁନିକତାର ଚକାଚକ୍ୟ ଆଲୋକ ଭିତରେ ଆଜି ମଣିଷର ମୂଲ୍ୟବୋଧ, ମାନବିକତା ଓ ନୈତିକତା ଧୀରେ ଧୀରେ କ୍ଷୀଣ ହେଉଥିବା ପରି ମନେ ହେଉଛି। ଆମେ ଉଚ୍ଚ ଅଟ୍ଟାଳିକା ନିର୍ମାଣ କରିଛୁ, କିନ୍ତୁ ଉଚ୍ଚ ଚରିତ୍ର ନିର୍ମାଣରେ ପଛରେ ପଡ଼ିଯାଇଛୁ। ଆମେ ସୁବିଧା ବଢ଼ାଇଛୁ, କିନ୍ତୁ ସନ୍ତୋଷ ହରାଇଛୁ। ଆମେ ସଂଯୋଗ ବଢ଼ାଇଛୁ, କିନ୍ତୁ ସମ୍ପର୍କର ଉଷ୍ମତା କମାଇଛୁ।

### * ଭୌତିକ ସଫଳତାର ଦୌଡ଼ରେ ହଜିଯାଉଥିବା ମଣିଷ

ଆଜିର ମଣିଷ ଅସୀମ ପ୍ରତିଯୋଗିତାର ଏକ ଦୌଡ଼ରେ ସାମିଲ ହୋଇଛି। ଧନ, ପଦ, ପ୍ରତିଷ୍ଠା ଓ ପ୍ରଭାବ ଅର୍ଜନ କରିବାର ଇଚ୍ଛା ତାକୁ ଦିନରାତି ବ୍ୟସ୍ତ ରଖୁଛି। ଏହି ଦୌଡ଼ରେ ସେ ଭୁଲିଯାଉଛି ଯେ ଜୀବନ କେବଳ ଅର୍ଥ ଉପାର୍ଜନର ନାମ ନୁହେଁ। ଜୀବନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ନିଜକୁ ଜଣେ ଉତ୍ତମ ମଣିଷ ଭାବେ ଗଢ଼ି ତୋଳିବା।

ଆଜି ଅନେକ ଲୋକଙ୍କ ପାଖରେ ସବୁକିଛି ଅଛି, କିନ୍ତୁ ମାନସିକ ଶାନ୍ତି ନାହିଁ। ବଡ଼ ଘର ଅଛି, କିନ୍ତୁ ପରିବାରରେ ସମ୍ପର୍କ ନାହିଁ। ବହୁ ଧନ ଅଛି, କିନ୍ତୁ ସନ୍ତୋଷ ନାହିଁ। ହଜାର ହଜାର ପରିଚିତ ଅଛନ୍ତି, କିନ୍ତୁ ଦୁଃଖ ସମୟରେ ପାଖରେ ଠିଆ ହେବାକୁ ଦୁଇଜଣ ଲୋକ ନାହାନ୍ତି। ବାସ୍ତବରେ ଆଧୁନିକ ମଣିଷ ସମୟ ବଞ୍ଚାଇବାରେ ଏତେ ବ୍ୟସ୍ତ ଯେ, ବଞ୍ଚିବାକୁ ଭୁଲିଯାଇଛି। ଯେଉଁ ସମୟରେ ପରିବାର ସହ କଥା ହେବା ଉଚିତ, ସେ ସମୟ ସ୍କ୍ରିନ୍ ସାମ୍ନାରେ କଟୁଛି। ଯେଉଁ ସମୟରେ ମନର କଥା ଶୁଣିବା ଦରକାର, ସେ ସମୟ ବାହ୍ୟ କୋଳାହଳରେ ହଜିଯାଉଛି।

### * କର୍ମ ହିଁ ମଣିଷର ପ୍ରକୃତ ପରିଚୟ

ଭଗବଦ୍ ଗୀତାର ଏକ ମୂଳ ବାର୍ତ୍ତା ହେଉଛି କର୍ମର ମହତ୍ତ୍ୱ। ମଣିଷର ଅଧିକାର କେବଳ କର୍ମ ଉପରେ ଅଛି, ଫଳ ଉପରେ ନୁହେଁ। ଆଜି ଆମେ ପ୍ରାୟତଃ ଭାଗ୍ୟକୁ ଦୋଷ ଦେଉ, ପରିସ୍ଥିତିକୁ ଦୋଷ ଦେଉ, ଅନ୍ୟମାନଙ୍କୁ ଦୋଷ ଦେଉ। କିନ୍ତୁ ନିଜ କର୍ମ ଓ ନିଷ୍ପତ୍ତିର ସମୀକ୍ଷା କରିବାକୁ ଭୁଲିଯାଉ।

ଜୀବନରେ ଯାହା ମିଳେ, ତାହାର ବଡ଼ ଅଂଶ ଆମର ନିଜସ୍ୱ ପରିଶ୍ରମ, ଚିନ୍ତାଧାରା ଓ ଆଚରଣର ପ୍ରତିଫଳନ। ଜଣେ ଚାଷୀ ଯେପରି ଯେଉଁ ବିହନ ବୁଣେ, ସେହି ଫସଲ ଅମଳ କରେ, ସେହିପରି ମଣିଷ ମଧ୍ୟ ନିଜ କର୍ମର ଫଳ ଭୋଗ କରେ। ତେଣୁ ସମାଜ ପରିବର୍ତ୍ତନର ପ୍ରଥମ ପଦକ୍ଷେପ ହେଉଛି ନିଜ କର୍ମକୁ ସୁଧାରିବା। କାରଣ ଭଲ ନାଗରିକମାନଙ୍କ ଦ୍ୱାରା ହିଁ ଏକ ଭଲ ସମାଜ ଗଢ଼ାଯାଇପାରେ।

### * ଲୋଭ, ଈର୍ଷା ଓ ଅହଙ୍କାରର ବିଷ

ଆଜି ସମାଜର ଅନେକ ସମସ୍ୟାର ମୂଳରେ ଲୋଭ, ଈର୍ଷା ଓ ଅହଙ୍କାର ରହିଛି। ଲୋଭ ମଣିଷକୁ ଅନ୍ଧ କରିଦିଏ। ଈର୍ଷା ମଣିଷର ବିବେକକୁ ନଷ୍ଟ କରିଦିଏ। ଅହଙ୍କାର ମଣିଷକୁ ସତ୍ୟରୁ ଦୂରେଇ ଦିଏ। ଅନ୍ୟର ସଫଳତାକୁ ଦେଖି ପ୍ରେରଣା ନେବା ପରିବର୍ତ୍ତେ ଅନେକେ ତାହାକୁ ଅସତ୍ ଉପାୟରେ ପାଇବାକୁ ଚେଷ୍ଟା କରନ୍ତି। ପରିଶ୍ରମ ଓ ଯୋଗ୍ୟତାର ପଥ କଷ୍ଟକର ଲାଗୁଥିବାରୁ



ସୌଜନ୍ୟ କୁମାର ପରିଡ଼ା

ସେମାନେ ଶର୍ଟକଟ ରାସ୍ତା ଖୋଜନ୍ତି। କିନ୍ତୁ ଇତିହାସ ସାକ୍ଷୀ, ଅସତ୍ ଉପାୟରେ ମିଳିଥିବା ସଫଳତା କେବେ ବି ସ୍ଥାୟୀ ହୁଏନାହିଁ। ଯାହା ପରିଶ୍ରମରେ ମିଳେ, ତାହାର ମୂଲ୍ୟ ରହେ। ଯାହା ଛଳନାରେ ମିଳେ, ତାହା ଦିନେ ନା ଦିନେ ହାତଛଡ଼ା ହୋଇଯାଏ।

### * ମାତାପିତା: ଆମ ଜୀବନର ପ୍ରଥମ ଦେବତା

ଆଧୁନିକ ସମାଜର ଆଉ ଏକ ବଡ଼ ସମସ୍ୟା ହେଉଛି ପାରିବାରିକ ମୂଲ୍ୟବୋଧର ଅବକ୍ଷୟ। ଆଜି ଅନେକ ସ୍ଥାନରେ ମାତାପିତାଙ୍କ ପ୍ରତି ସମ୍ମାନ କମିଯାଉଥିବା ଦେଖାଯାଉଛି। ଜଣେ ମା' ନିଜ ସନ୍ତାନର ହସ ପାଇଁ ନିଜର ଅନେକ ସ୍ୱପ୍ନକୁ ତ୍ୟାଗ କରିଦିଅନ୍ତି। ଜଣେ ବାପା ନିଜର ଅନେକ ଆବଶ୍ୟକତାକୁ ପଛକୁ ରଖି ସନ୍ତାନର ଭବିଷ୍ୟତ ଗଢ଼ିବାରେ ନିଜକୁ ସମର୍ପିତ କରନ୍ତି। କିନ୍ତୁ ଆଜି ବୃଦ୍ଧାଶ୍ରମର ବୃଦ୍ଧିଶୀଳ ସଂଖ୍ୟା ଏକ କଠୋର ସତ୍ୟକୁ ସାମ୍ନାକୁ ଆଣୁଛି। ଯେଉଁ ହାତ ଆମକୁ ଚାଲିବା ଶିଖାଇଥିଲା, ସେହି ହାତକୁ ବୃଦ୍ଧାବସ୍ଥାରେ ଏକାକୀ ଛାଡ଼ିଦେବା ଆମ ସଂସ୍କୃତି ନୁହେଁ। ମାତାପିତାଙ୍କ ପ୍ରତି ସମ୍ମାନ କେବଳ ଏକ ସାମାଜିକ କର୍ତ୍ତବ୍ୟ ନୁହେଁ, ଏହା ମାନବିକତାର ସବୁଠାରୁ ବଡ଼ ପରୀକ୍ଷା।

### * ସମ୍ପର୍କର ଦୁର୍ବଳତା ଓ ସାମାଜିକ ଏକାକୀତ୍ୱ

ଆଜି ସାମାଜିକ ଗଣମାଧ୍ୟମ ମଣିଷକୁ ସଂଯୋଗ କରିଛି, କିନ୍ତୁ ହୃଦୟକୁ ନିକଟତର କରିପାରିନାହିଁ। ବନ୍ଧୁ ତାଲିକା ଲମ୍ବା ହୋଇଛି, କିନ୍ତୁ ବନ୍ଧୁତ୍ୱର ଗଭୀରତା କମିଛି। ସମ୍ପର୍କ କେବଳ ରକ୍ତରେ ସୃଷ୍ଟି ହୁଏନାହିଁ। ବିଶ୍ୱାସ, ଭରସା, ସମ୍ମାନ ଓ ସହାନୁଭୂତି ଦ୍ୱାରା ସମ୍ପର୍କ ଗଢ଼ିଉଠେ। ଭୁଲ ବୁଝାମଣାର ଏକ ମୁହୂର୍ତ୍ତ ଅନେକ ବର୍ଷର ସମ୍ପର୍କକୁ ଭାଙ୍ଗିଦେଇପାରେ। ତେଣୁ ସମ୍ପର୍କକୁ ବଞ୍ଚାଇବା ପାଇଁ ସଂଳାପ, ଧୈର୍ଯ୍ୟ ଓ କ୍ଷମାଶୀଳତାର ଆବଶ୍ୟକତା ଅଛି।

### * ସତ୍ୟର ପଥ ସର୍ବଦା ସହଜ ନୁହେଁ

ଆଜିର ସମାଜରେ ଅନେକ ସମୟରେ ଅସତ୍ୟ ଓ ଅନ୍ୟାୟ ବଳବାନ ଦେଖାଯାଏ। ସତ୍ୟବାଦୀ ଲୋକ ଅସୁବିଧାରେ ପଡ଼ନ୍ତି। ନ୍ୟାୟ ପାଇଁ ସଂଘର୍ଷ କରୁଥିବା ଲୋକ ଅନେକ ବାଧାର ସମ୍ମୁଖୀନ ହୁଅନ୍ତି। କିନ୍ତୁ ଇତିହାସର ପ୍ରତ୍ୟେକ ଯୁଗ ପ୍ରମାଣ କରିଛି ଯେ ସତ୍ୟର ବିଜୟ ନିଶ୍ଚିତ। ଅସତ୍ୟ କିଛି ସମୟ ପାଇଁ ସଫଳ ହୋଇପାରେ, କିନ୍ତୁ ସ୍ଥାୟୀ ହୋଇପାରେନାହିଁ। ସତ୍ୟ ଓ ନ୍ୟାୟର ପଥ କଷ୍ଟକର ହୋଇପାରେ, କିନ୍ତୁ ଏହା ହିଁ ମଣିଷକୁ ପ୍ରକୃତ ସମ୍ମାନ ଦେଇଥାଏ।

### * ଅସଫଳତା: ଶେଷ ନୁହେଁ, ନୂଆ ଆରମ୍ଭ

ଆଜି ଅନେକ ଯୁବକ ଏକ କିମ୍ବା ଦୁଇଥର ବିଫଳ ହେଲେ ନିରାଶ ହୋଇଯାନ୍ତି। କିନ୍ତୁ ଅସଫଳତା ଜୀବନର ଶେଷ ନୁହେଁ। ଅସଫଳତା ହେଉଛି ଏକ ଶିକ୍ଷକ। ଏହା ଆମକୁ ଆମର ତ୍ରୁଟି ଦେଖାଏ, ଆମକୁ ଶକ୍ତିଶାଳୀ କରେ ଏବଂ ନୂତନ ଭାବରେ ଚେଷ୍ଟା କରିବାର ପ୍ରେରଣା ଦିଏ। ଯେପରି ତାଲାର ଶେଷ ଚାବି ମଧ୍ୟ ତାଲା ଖୋଲିପାରେ, ସେହିପରି ଶେଷ ପ୍ରୟାସ ମଧ୍ୟ ସଫଳତା ଆଣିପାରେ। ତେଣୁ ହାର ମାନିବା ନୁହେଁ, ଶିଖିବା ଆବଶ୍ୟକ।

### * ଆତ୍ମବିଶ୍ୱାସ ଓ ଧୈର୍ଯ୍ୟର ମହତ୍ତ୍ୱ

ଜୀବନରେ ସମସ୍ୟା ଆସିବା ସ୍ୱାଭାବିକ। କୌଣସି ମଣିଷ ସମସ୍ୟାମୁକ୍ତ ନୁହେଁ। କିନ୍ତୁ ସମସ୍ୟାର ସମ୍ମୁଖୀନ ହେବାର ଶକ୍ତି ହିଁ ମଣିଷର ପ୍ରକୃତ ସମ୍ପଦ। ଛତା ବର୍ଷାକୁ ଅଟକାଇ ପାରେନାହିଁ, କିନ୍ତୁ ବର୍ଷାରେ ଚାଲିବାର ସାହସ ଦେଇଥାଏ। ସେହିପରି ଆତ୍ମବିଶ୍ୱାସ ସମସ୍ୟାକୁ ଦୂର କରିପାରେନାହିଁ, କିନ୍ତୁ ସମସ୍ୟା ସହ ଲଢ଼ିବାର ଶକ୍ତି ଦେଇଥାଏ। ଧୈର୍ଯ୍ୟ ମଣିଷକୁ ଠିକ୍ ସମୟର ଅପେକ୍ଷା କରିବା ଶିଖାଏ। ନୀରବତା ଅନେକ ବିବାଦର ସମାଧାନ କରେ। ସକାରାତ୍ମକ ଚିନ୍ତାଧାରା ଅନ୍ଧକାର ମଧ୍ୟରେ ଆଲୋକର ଦିଗ ଦେଖାଏ।

### * ପ୍ରକୃତ ସଫଳତା କ'ଣ ?

ଆଜିର ଯୁଗରେ ସଫଳତାକୁ ପ୍ରାୟତଃ ଧନ, ପଦ ଓ ପ୍ରଭାବ ଦ୍ୱାରା ମାପାଯାଏ। କିନ୍ତୁ ପ୍ରକୃତ ସଫଳତା ଏହାଠାରୁ ଅଧିକ ବଡ଼। ପ୍ରକୃତ ସଫଳତା ହେଉଛି, ଆମ ଯୋଗୁଁ କେତେଜଣ ଲୋକ ସୁଖୀ ହୋଇଛନ୍ତି। ଆମେ କେତେଜଣଙ୍କ ଆଖିର ଲୁହ ପୋଛିଛୁ। କେତେଜଣଙ୍କୁ ସାହସ ଦେଇଛୁ। କେତେଜଣଙ୍କ ଜୀବନରେ ଆଶାର ଆଲୋକ ଜଳାଇଛୁ।

ଧନ, ପଦ ଓ ପ୍ରତିଷ୍ଠା ଏଠାରେ ରହିଯିବ। କିନ୍ତୁ ମଣିଷର ଭଲପାଇବା, ସେବା ଓ ସତ୍‌କର୍ମ ତାକୁ ମୃତ୍ୟୁ ପରେ ମଧ୍ୟ ସ୍ମରଣୀୟ କରିରଖିବ।

### * ପରିବର୍ତ୍ତନର ଆରମ୍ଭ ନିଜଠାରୁ

ସମାଜକୁ ବଦଳାଇବା ପାଇଁ କେବଳ ସରକାର, ଆଇନ କିମ୍ବା ସଂସ୍ଥା ଯଥେଷ୍ଟ ନୁହେଁ। ପ୍ରକୃତ ପରିବର୍ତ୍ତନ ସେତେବେଳେ ଆସିବ, ଯେତେବେଳେ ପ୍ରତ୍ୟେକ ମଣିଷ ନିଜ ଭିତରକୁ ଚାହିଁବ।

ଆମେ ଯଦି ସତ୍ୟକୁ ଆପଣାଇବା, ମାନବିକତାକୁ ଗୁରୁତ୍ୱ ଦେବା, ମାତାପିତାଙ୍କୁ ସମ୍ମାନ କରିବା, ସମ୍ପର୍କକୁ ସଂରକ୍ଷଣ କରିବା ଓ କର୍ମକୁ ପୂଜା ବୋଲି ମନେ କରିବା, ତେବେ ସମାଜ ସ୍ୱତଃସ୍ଫୂର୍ତ୍ତ ଭାବରେ ବଦଳିଯିବ। କାରଣ ସମାଜ କୌଣସି ଅଲଗା ସତ୍ତା ନୁହେଁ। ସମାଜ ଆମେ ହିଁ। ତେଣୁ ଆଜିର ସବୁଠାରୁ ବଡ଼ ଆହ୍ୱାନ ହେଉଛି: 'ଅନ୍ୟକୁ ବଦଳାଇବା ପୂର୍ବରୁ ନିଜକୁ ବଦଳାନ୍ତୁ। ମଣିଷ ବଦଳିଲେ ବଦଳିବ ପରିବାର, ପରିବାର ବଦଳିଲେ ବଦଳିବ ସମାଜ, ଆଉ ସମାଜ ବଦଳିଲେ ବଦଳିବ ଦେଶ।' 'ମଣିଷର ପ୍ରକୃତ ପରିଚୟ ତାହାର ଧନରେ ନୁହେଁ, ତାହାର ଗୁଣରେ; ତାହାର ପଦବୀରେ ନୁହେଁ, ତାହାର ମାନବିକତାରେ।'

ଲକ୍ଷ୍ମୀନାରାୟଣ ବଜାର, ବାରୁଅ, କେନ୍ଦ୍ରାପଡ଼ା
ମୋବାଇଲ: ୮୨୪୯୯୪୩୨୪୭

## ସେ କାଳ ପଖାଳ ଗଲାଣି



ସେ କାଳ ପଖାଳ ଗଲାଣି
ଗାଡ଼ିଆ ନଈ ଶୁଖିଲାଣି ।
କିଏ ଆଉ ମାଛ ଧରୁଛି
କିଣି ଖାଇଦେଲେ ସରୁଛି ।
ଶୁଖିଲାରେ ମାଛ ଖାଇବେ
କାଦୁଅ ଛିଟା ନ ହୋଇବେ ।
ପାଣି କାଦୁଅରେ ଖେଳିବା
ତୋଟା ଗହଳରେ ଲୁଚିବା ।
ଶିଆଳି ଲତାରେ ସେ ଝୁଲି
ନାହିଁ ପୁଣି ସେ ମାଟି ଚୁଲି ।
ରଜ ସଜବାଜ ଲିଭିଲା
ତାଆସ ବାଗୁଡ଼ି ହଜିଲା ।
ଛପର ଘରଟି ସପନ
ଗାଆଁ ଅନୁଭୂତି ଗୋପନ ।
ଘରଚଟିଆର କିଚିରି
ବାଇଆ ଚଢ଼େଇ ମିଚିରି ।
ସବାରୀ ପାଲିଙ୍କି ଲଣ୍ଠନ
ଦେଖୁଛକି ବାପ ରତନ !
ଖଟି ଖାଇ କାଟି ପିନ୍ଧୁଛି
କିଏ ମାଟି ହାଣ୍ଡି ଗଢୁଛି ।
ଘରଣୀ ହେବ କି ରାନ୍ଧୁଣୀ
ସାଜିଲେ ସଭିଏଁ ମାଷ୍ଟାଣୀ ।
ପାଟିଟାକୁ ଟାକୁ କରୁଥା'
ସରଗୁ ଗଳିବ ଚାହିଁଥା ।
ମୋବାଇଲ୍ ରୋଗ ଗ୍ରାସିଲା
ଦେଖୁ ଦେଖୁ ଦିନ ସରିଲା ।
ପଇସା ପଛରେ ଧାଇଁଲେ
ସବୁ ପୋଡ଼ିପାଡ଼ି ଖାଇଲେ ।
ଭଲ ମନ୍ଦ କିଏ ବାଛୁଛି
ନିଜେ ଜ୍ଞାନୀ ବୋଲି ମଣୁଛି ।
ମହଙ୍ଗା ଯେମିତି ହେଲାଣି
ତେଲ ଲୁଣ ଗ୍ୟାସ୍ ମାଗୁଣି ।
ପେଟ୍ରୋଲର ଦର ବଢ଼ିଲା
ସାଇକେଲ ଖୋଜା ପଡ଼ିଲା ।

ଅମରନାଥ ବାରିକ
କୟାଁ, ମଙ୍ଗଳପୁର, ଯାଜପୁର
ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫

## ଭାରତକୁ ସ୍ୱର୍ଣ୍ଣ ପଦକ ଦେଲେ ସ୍ୱସ୍ତିକ

ଭୁବନେଶ୍ୱର,(ଜା.ପ୍ର): ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଢାକାରେ ଖେଳାଯାଇଥିବା ଆଇଏଚ୍‌ଏଫ୍ ଟ୍ରଫି ହ୍ୟାଣ୍ଡବଲ୍‌ରେ ଭାରତ ଚାମ୍ପିଅନ୍ ହୋଇଛି। ଭାରତ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ୨୨ ଗୋଲ୍‌ରେ ହରାଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ୟେମେନ୍ ବିପକ୍ଷରେ ୩୧ ଗୋଲ୍‌ରେ ବିଜୟୀ ହୋଇଥିଲା। ଏହାପରେ ମାଲଦ୍ୱୀପ ଏବଂ ଆଫଗାନିସ୍ତାନକୁ ଯଥାକ୍ରମେ ୫୮-୨୩ ଏବଂ ୫୮-୨୮ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଭାରତୀୟ ଟିମ୍ ପକ୍ଷରୁ ଖେଳୁଥିବା ଓଡ଼ିଶାର ଏକମାତ୍ର ଖେଳାଳି ସ୍ୱସ୍ତିକ୍ ମହାପ୍ରସାଦ ପତି ଚମତ୍କାର ପ୍ରଦର୍ଶନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭାରତ, ନେପାଳ, ଆଫଗାନିସ୍ତାନ, ମାଲଦ୍ୱୀପ, ଆୟୋଜକ ବାଂଲାଦେଶ ଓ ୟେମେନ୍ ଭାଗ ନେଇଥିଲେ।

## ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ୍ ଅଣ୍ଡର-୧୬ କ୍ରିକେଟ୍

ଭୁବନେଶ୍ୱର,(ଜା.ପ୍ର): ପାରାମାଉଣ୍ଟ ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ୍ ଅଣ୍ଡର-୧୬ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଆୟୋଜକ ଟିମ୍ ଯଦୁପୁର କ୍ରିକେଟ୍ ଏକାଡେମୀକୁ ୯ ୱିକେଟରେ ହରାଇ ଦେଇଛି। ଯଦୁପୁର କ୍ରିକେଟ୍ ଏକାଡେମୀ ପ୍ରଥମେ ନିର୍ଦ୍ଧାରିତ ୨୫ ଓଭରରେ ୮ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ସାଇଦିତ୍ୟ ମହାନ୍ତିଙ୍କ ଅପରାଜିତ ୫୮ ରନ୍ ସହାୟତାରେ ୧୫.୨ ଓଭରରେ ମାତ୍ର ଗୋଟିଏ ୱିକେଟ୍ ବିନିମୟରେ ୧୧୨ ରନ୍ କରି ବିଜୟୀ ହୋଇଛି।

ଜାତୀୟ ଚେତନା
JATIYA CHETANA



# ଓକିଲ ଚରିତ୍ରରେ ଅଭିନେତ୍ରୀ


ସୋନାକ୍ଷୀ ସିହ୍ନା


କରୀନା କପୁର ଖାନ

**ରୁପେଲି ପରଦାରେ ଯେତେବେଳେ ଅଭିନେତ୍ରୀଙ୍କୁ ଓକିଲ ଚରିତ୍ରରେ ଦେଖିବାକୁ ମିଳେ, ସେତେବେଳେ ତାହା ସମାଜକୁ ଏକ ଶକ୍ତ ବାର୍ତ୍ତା ଦେଇଥାଏ ବୋଲି ମନେହୁଏ। ସିନେମାରେ ଓକିଲ ଚରିତ୍ର ନିର୍ବାହ କରୁଥିବା ଅଭିନେତ୍ରୀମାନଙ୍କ ଉପସ୍ଥାପନା ଶୈଳୀ ଏବଂ ଦାୟିତ୍ୱବୋଧ ଦର୍ଶକଙ୍କୁ ମୁଗ୍ଧ କରିଥାଏ। ବିଗତ କିଛି ବର୍ଷ ମଧ୍ୟରେ ବେଶ୍ କେତେଜଣ ଅଭିନେତ୍ରୀ ଓକିଲ ଚରିତ୍ରରେ ଅଭିନୟ କରି ପରିବର୍ତ୍ତନର ଦୃଢ଼ ବାର୍ତ୍ତା ଦେଇଛନ୍ତି। କିଛିଦିନ ତଳେ ଆମାଜନ୍ ପ୍ରାଇମ୍ ଭିଡିଓରେ ଆସିଥିବା 'ସିଷ୍ଟମ୍' ବେଶ୍ ଚର୍ଚ୍ଚାରେ ରହିଛି, ଯେଉଁଥିରେ ସୋନାକ୍ଷୀ ସିନ୍ହା ଏବଂ ଜଜ୍‌ବା ଭଳି ଅଭିନେତ୍ରୀମାନଙ୍କୁ ଦେଖିବାକୁ ମିଳିଛି। ଆସନ୍ତୁ ନଜର ପକାଇବା ଓକିଲ ଚରିତ୍ରରେ ଅଭିନୟ କରିଥିବା ବଲିଉଡ୍ ଅଭିନେତ୍ରୀଙ୍କ ଅଭିନୟ ବିଷୟରେ।**


ରିଚା ଚଢ଼ା

### * ସୋନାକ୍ଷୀ ସିହ୍ନା

ପ୍ରାଇମ୍ ଭିଡିଓରେ କିଛିଦିନ ତଳେ ରିଲିଜ୍ ହୋଇଛି ସୋନାକ୍ଷୀ ସିହ୍ନାଙ୍କ ନୂଆ ଫିଲ୍ମ/ସିରିଜ୍, ଯେଉଁଥିରେ ସେ ସରକାରୀ ଓକିଲ ନେହା ରାଜବଂଶଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ନେହା ଜଣେ ପ୍ରତିଭାଶାଳୀ ସରକାରୀ ଓକିଲ ଥିବା ବେଳେ 'ସିଷ୍ଟମ୍' ତାଙ୍କ ପାଇଁ ଏକ ଅଗ୍ନିପରୀକ୍ଷା ସଦୃଶ ଥିଲା। ତାଙ୍କ ପିତା ମଧ୍ୟ ଜଣେ ଓକିଲ ଥିବାରୁ ନେହାଙ୍କ ଆଗରେ ଲ' ଫାର୍ମରେ ପାର୍ଟନରସିପ୍ କରିବା ପାଇଁ ୧୦ଟି କେସ୍ ଜିତିବାର ସର୍ତ୍ତ ରହିଥିଲା। ଫିଲ୍ମରେ ସୋନାକ୍ଷୀଙ୍କ ଚରିତ୍ରକୁ ଓଡ଼ିଆ ଦର୍ଶକମାନେ ଖୁବ୍ ପସନ୍ଦ କରିଛନ୍ତି।

### * ରିଚା ଚଢ୍ଢା

ଫିଲ୍ମ 'ସେକ୍ସନ୍ ୩୭୫'ରେ ରିଚା ଚଢ଼ା ଜଣେ ଧାରାଶାୟୀ ଓକିଲ ହିରଲ ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି, ଯିଏ ପୀଡ଼ିତାଙ୍କ ପକ୍ଷରୁ କେସ୍ ଲଢୁଥାନ୍ତି। ରିଚାଙ୍କ ଅଭିନୀତ ଚରିତ୍ର ନିଜ ସିନିୟରଙ୍କ ବିରୋଧରେ ଆଇନଗତ ଲଢ଼େଇ ଲଢୁଥିବାର ଦେଖିବାକୁ ମିଳେ ଏହି ସିନେମାରେ। ସମୀକ୍ଷକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ରିଚାଙ୍କ ଅଭିନୟ।

### * ତାପସୀ ପନ୍ନୁ

ଫିଲ୍ମ 'ମୁଲ୍କ୍'ରେ ତାପସୀ ପନ୍ନୁ ଓକିଲ ଆରତୀ ମାଲହୋତ୍ରା ଚରିତ୍ରରେ ଦେଖାଯାଇଥିଲେ। ସିନେମାରେ ତାପସୀଙ୍କ ଚରିତ୍ର ଦୁଷ୍କର୍ମ ପୀଡ଼ିତା କିମ୍ବା ଆତଙ୍କବାଦର ଆରୋପ ଲାଗିଥିବା ଏକ ମୁସଲିମ୍ ପରିବାରକୁ ବଞ୍ଚାଇବା ଉଦ୍ଦେଶ୍ୟରେ ଆଇନଗତ ଲଢ଼େଇ ଲଢୁଥିଲା। ତାପସୀଙ୍କ ଚରିତ୍ରରେ ବ୍ୟବସାୟ ପ୍ରତି ଥିବା କ୍ରେଜ୍, ଅସହାୟତା ଏବଂ ଗଭୀରତା ସ୍ପଷ୍ଟ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଫିଲ୍ମ 'ମୁଲ୍କ୍'ରେ ବି ତାପସୀଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ମୌଳିକ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ତାପସୀଙ୍କ ଚରିତ୍ର ସବୁ ପ୍ରକାର ଉଦ୍ୟମ କରିଥିଲା।


ତାପସୀ ପନ୍ନୁ


ୟାମୀ ଗୌତମ


ଐଶ୍ୱର୍ଯ୍ୟା ରାୟ ବଚ୍ଚନ

### * ୟାମୀ ଗୌତମ

ଫିଲ୍ମ 'ଓଏମ୍‌ଜି ୨'ରେ ୟାମୀ ଗୌତମ ଓକିଲ କାମିନୀ ମାହେଶ୍ୱରୀ ଭୂମିକାରେ ଅଭିନୟ କରିଥିଲେ। ପଙ୍କଜ ତ୍ରିପାଠୀଙ୍କ ବିରୋଧରେ ସାମାଜିକ ଚରିତ୍ର ପ୍ରତିପକ୍ଷ ଓକିଲ ଭାବେ ସେ ଅବତୀର୍ଣ୍ଣ ହୋଇଥିଲେ। ଫିଲ୍ମରେ ସାମାଜିକ ତାତ୍ପର୍ଯ୍ୟ ଥିବା ବିଷୟବସ୍ତୁ ଏବଂ ତାଙ୍କର ଉପସ୍ଥାପନା ଶୈଳୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା।

### * ଐଶ୍ୱର୍ଯ୍ୟା ରାୟ ବଚ୍ଚନ

ଏହି ସିନେମାରେ ଐଶ୍ୱର୍ଯ୍ୟାଙ୍କ ଚରିତ୍ରର ନାଁ ଥିଲା ଅନୁରାଧା ବର୍ମା, ଯିଏ ଜଣେ ପ୍ରତିଷ୍ଠିତ ଓକିଲ। ତେବେ ସମୟ ସହିତ ସେ ଏପରି ଏକ ସମସ୍ୟା ମଧ୍ୟରେ ଫସିଯାଆନ୍ତି ଯେତେବେଳେ ସେ ନିଜ ଚରିତ୍ର ବିପରୀତ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି। ନିଜ ଅପହୃତ ଝିଅକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଐଶ୍ୱର୍ଯ୍ୟାଙ୍କ ଚରିତ୍ର ସେହିସବୁ କାମ କରିବାକୁ ବାଧ୍ୟ ହୋଇଥିଲା ଯାହା ସେ କରିବାକୁ ଚାହୁଁନଥିଲେ।

### * କରୀନା କପୁର ଖାନ୍

'ସମସ୍ୟାରେ ଜର୍ଜରିତ ମହିଳା'ର ରୂଢ଼ୀବାଦୀ ପ୍ରତିଛବିରୁ ବାହାରି କରୀନା କପୁର ଜଣେ ଓକିଲ ଭାବେ ନିଜକୁ ଏହି ସିନେମାରେ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରିପାରିଥିଲେ। ଏଥିରେ ତାଙ୍କୁ ଦେଖିବାକୁ ମିଳିଥିଲା ପ୍ରିୟା ସକ୍ସେନା ଚରିତ୍ରରେ, ଯିଏ ନିଜ ସ୍ୱାମୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ଉଦ୍ଦେଶ୍ୟରେ ଓକିଲାତି ପେସାକୁ ପୁଣିଥରେ ଆପଣେଇଥିଲେ।

### * କାଜଲ

ଓଟିଟି ୱେବ୍ ସିରିଜ୍‌ରେ ନୟନିକା ସେନଗୁପ୍ତା ଚରିତ୍ରରେ ଅଭିନୟ କରିଛନ୍ତି କାଜଲ। ସ୍ୱାମୀଙ୍କ ସହ ଜଡ଼ିତ ଏକ ସାର୍ବଜନୀନ ବିବାଦ ପରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ପୁଣିଥରେ ଓକିଲାତି ପେସାକୁ ଫେରିଆସନ୍ତି କାଜଲଙ୍କ ଚରିତ୍ର। ଏଥିରେ କାଜଲଙ୍କ ଅଭିନୟରେ ଦେଖିବାକୁ ମିଳିଛି ଜଣେ ମା'ର ସଂବେଦନଶୀଳତା ତଥା ନିଜ ପେସାଦାର ପରିଚୟକୁ ପୁନଃସ୍ଥାପିତ କରିଥିବା ଜଣେ ମହିଳାଙ୍କ ଆତ୍ମପ୍ରତ୍ୟୟ।


କାଜଲ



# ସଙ୍ଗୀତ ସମ୍ରାଟ ମାଇକେଲ୍

ଆମେରିକାର ଇଣ୍ଡିଆନା ରାଜ୍ୟର ଗେରୀ ନାମକ ଏକ କ୍ଷୁଦ୍ର ସହରର ଅନ୍ଧାରିଆ ଗଳିରୁ ଆରମ୍ଭ ହୋଇଥିଲା ସେହି ବାଳକର ଜୀବନ ଯାତ୍ରା, ଯିଏ ଦିନେ ସାରା ପୃଥିବୀକୁ ନିଜ ଆଙ୍ଗୁଠି ଆଗରେ ନଚାଇବାର କ୍ଷମତା ରଖିଥିଲା। ପରିବାରର ଚରମ ଆର୍ଥିକ ଅଭାବ ଏବଂ ପିତାଙ୍କ କଠୋର ଅନୁଶାସନ ମଧ୍ୟରେ ମାଇକେଲ୍ ଏବଂ ତାଙ୍କ ଭାଇମାନଙ୍କୁ ନେଇ ଗଠିତ ହୋଇଥିଲା ଏକ ସଙ୍ଗୀତ ଦଳ। ମାତ୍ର ପାଞ୍ଚ ବର୍ଷର କୁନି ବାଳକ ମାଇକେଲ୍ ଯେତେବେଳେ ମଞ୍ଚ ଉପରକୁ ଆସୁଥିଲେ, ସେତେବେଳେ ତାଙ୍କର ସୁମଧୁର କଣ୍ଠସ୍ୱର ଏବଂ ଆଶ୍ଚର୍ଯ୍ୟଜନକ ନୃତ୍ୟ ଶୈଳୀ ଦେଖି ବଡ଼ ବଡ଼ କଳାକାର ମଧ୍ୟ ସ୍ତବ୍ଧ ହୋଇଯାଉଥିଲେ। ସେହି ଛୋଟ ବୟସରୁ ହିଁ ସେ ନିଜର ପିଲାଦିନକୁ ହରାଇ ସଙ୍ଗୀତ ସାଧନାରେ ବୁଡ଼ି ରହିଥିଲେ, ଯାହା ତାଙ୍କୁ ଆଗକୁ ଯାଇ ବିଶ୍ୱର ସବୁଠାରୁ ବଡ଼ ତାରକା କରିବାର ମୂଳଦୁଆ ସାଜିଥିଲା। ସମୟ ଚକ୍ର ବୁଲିବା ସହିତ ମାଇକେଲ୍ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଏକାକୀ ସଙ୍ଗୀତ ଯାତ୍ରା ଆରମ୍ଭ କଲେ ଏବଂ ସେହି ସମୟରେ ଜନ୍ମ ନେଲା ପୃଥିବୀର ସବୁଠାରୁ ବଡ଼ ଏବଂ ସଫଳ ସଙ୍ଗୀତ ସଂଗ୍ରହ ଯାହାର ନାମ ଥିଲା ଥ୍ରୀଲର। ଏହି ସଙ୍ଗୀତ ମୁକ୍ତିଲାଭ କରିବା ମାତ୍ରେ ସଙ୍ଗୀତ ଜଗତର ସମସ୍ତ ପୂର୍ବ ରେକର୍ଡ ଛାରଖାର ହୋଇଗଲା ଏବଂ ପ୍ରଥମ ଥର ପାଇଁ ଦୂରଦର୍ଶନ ପରଦାରେ ପଛକୁ ଚାଲିବାର ଏକ ଅଲୌକିକ ନୃତ୍ୟ କଳା ପ୍ରଦର୍ଶନ କରି ସେ ପୃଥିବୀବାସୀଙ୍କୁ ଚକିତ କରିଦେଲେ। ସେ କେବଳ ଜଣେ ସାଧାରଣ ଗାୟକ ହୋଇ ରହିଲେ ନାହିଁ, ବରଂ ସେ ପାଲଟିଗଲେ ପପ୍ ସଙ୍ଗୀତର ଏକଚ୍ଛତ୍ର ସମ୍ରାଟ୍। ସଫଳତାର ଶୀର୍ଷରେ ପହଞ୍ଚିବା ପରେ ତାଙ୍କ ଜୀବନକୁ ଅନେକ ବିବାଦ ଏବଂ ମିଥ୍ୟା ଆରୋପର କଳାବାଦଲ ଘେରିଗଲା, ଗଣମାଧ୍ୟମର ଅପପ୍ରଚାର ଏବଂ ଶାରୀରିକ ଅସୁସ୍ଥତା ତାଙ୍କୁ ମାନସିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ କରିଦେଇଥିଲା। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ନିଜର ପ୍ରଶଂସକମାନଙ୍କ ପାଇଁ ଶେଷ ଥର ପାଇଁ ମଞ୍ଚକୁ ଫେରିବାକୁ ପ୍ରସ୍ତୁତି କରୁଥିବା ସମୟରେ ହଠାତ୍ ହୃଦ୍‌ଘାତ ଯୋଗୁଁ ସାରା ପୃଥିବୀକୁ କନ୍ଦାଇ ଚିରଦିନ ପାଇଁ ବିଦାୟ ନେଲେ।

ଏହି ମହାନ କଳାକାରଙ୍କ ସାଧନା, ସଂଘର୍ଷ ଓ ଆବେଗପୂର୍ଣ୍ଣ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର 'ମାଇକେଲ' ଯେତେବେଳେ ପ୍ରେକ୍ଷାଳୟକୁ ଆସିଲା, ସେତେବେଳେ ତାହା କେବଳ ଏକ ସିନେମା ହୋଇ ରହିଲା ନାହିଁ, ବରଂ ବିଶ୍ୱ ବାଣିଜ୍ୟ ଜଗତରେ ଏକ ଅଭୂତପୂର୍ବ ସୁନାମି ସୃଷ୍ଟି କଲା। ଏହି ଚଳଚ୍ଚିତ୍ରଟି ଦୁଇ ହଜାର ଛବିଶି ମସିହା ଏପ୍ରିଲ ମାସ ବାଇଶି ତାରିଖରେ ସାରା ବିଶ୍ୱର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ଏବଂ ଏହା ପରବର୍ତ୍ତୀ ଅଠଚାଳିଶି ଦିନ ଧରି ନିରନ୍ତର ଭାବରେ ସଫଳତାର ସହ ପ୍ରଦର୍ଶିତ ହୋଇ ବିପୁଳ ରାଜସ୍ୱ ସଂଗ୍ରହ କରିଚାଲିଥିଲା। ଏହି ଚଳଚ୍ଚିତ୍ରର ସବୁଠାରୁ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ଦିଗ ଥିଲା ଯେ, ଏଥିରେ ମୁଖ୍ୟ ଭୂମିକାରେ ମାଇକେଲ୍ ଜ୍ୟାକସନଙ୍କ ନିଜ ଭଣଜା ଜାଫର ଜ୍ୟାକସନ ଅଭିନୟ କରିଥିଲେ, ଯାହାଙ୍କର ପ୍ରତିଟି ଚାଲିଚଳନ, ନୃତ୍ୟ ଏବଂ କଣ୍ଠସ୍ୱର ସାକ୍ଷାତ୍ ମାଇକେଲଙ୍କ ଭ୍ରମ ସୃଷ୍ଟି କରି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଥିଲା। ସାରା ପୃଥିବୀରେ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ଏହି ଫିଲ୍ମଟି ବିଶ୍ୱବ୍ୟାପୀ ବକ୍ସ ଅଫିସରେ ଆଠ ହଜାର କୋଟିରୁ ଅଧିକ ଟଙ୍କା ସଂଗ୍ରହ କରି ସିନେମା ଜଗତର ଇତିହାସକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ଏହା ପୂର୍ବରୁ ବ୍ରିଟିଶ ରକ ସଙ୍ଗୀତ ଦଳ କୁଇନର ମୁଖ୍ୟ ଗାୟକ ଫ୍ରେଡି ମର୍କ୍ୟୁରୀଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର ବୋହେମିଆନ ରାପସୋଡି ପୃଥିବୀର ନମ୍ବର ୧ ମ୍ୟୁଜିକାଲ ବାୟୋପିକ ଭାବେ ଯେଉଁ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲା, 'ମାଇକେଲ' ତାହାକୁ ବହୁ ପଛରେ ପକାଇ ଦେଇ ଶୀର୍ଷ ସ୍ଥାନ ହାସଲ କରିଛି। କେବଳ ଆନ୍ତର୍ଜାତୀୟ ସ୍ତରରେ ଏହି ଚଳଚ୍ଚିତ୍ରଟି ପାଞ୍ଚ ହଜାର ଦୁଇ ଶହ ଅଠସ୍ତରୀ ଦଶମିକ ନଅ ଆଠ କୋଟି ଟଙ୍କା ଆୟ କରିଥିବା ବେଳେ ଏହାର ମୋଟ ବିଶ୍ୱବ୍ୟାପୀ ଆୟ ଆଶ୍ଚର୍ଯ୍ୟଜନକ ଭାବେ ଆଠ ହଜାର ଛଅ ଶହ ଅନେଶତ ଦଶମିକ ପାଞ୍ଚ ତିନି କୋଟି ଟଙ୍କାରେ ପହଞ୍ଚିଛି। ଭାରତୀୟ ବଜାରରେ ମଧ୍ୟ ଏହି ଚଳଚ୍ଚିତ୍ରକୁ ନେଇ ଅସାଧାରଣ ଉନ୍ମାଦନା ଦେଖିବାକୁ ମିଳିଥିଲା, ଯାହାଫଳରେ ଏହା ଭାରତୀୟ ପ୍ରେକ୍ଷାଳୟରୁ ସତୁରି ଦଶମିକ ଦୁଇ ଚାରି କୋଟି ଟଙ୍କାର ଶୁଦ୍ଧ ସଂଗ୍ରହ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଛି। ମାଇକେଲ ଜ୍ୟାକସନଙ୍କ କଳା ଏବଂ ସଙ୍ଗୀତ ଯେ ଆଜି ମଧ୍ୟ ପୃଥିବୀର କୋଣ ଅନୁକୋଣରେ ଥିବା କୋଟି କୋଟି ଜନତାଙ୍କ ହୃଦୟରେ ଜୀବିତ ରହିଛି, ଏହି ଚଳଚ୍ଚିତ୍ରର ଅପାର ସଫଳତା ଏବଂ ଏହାର ରାଜସ୍ୱ ସଂଗ୍ରହର ମହାନ୍ ଇତିହାସ ତାହାର ସବୁଠାରୁ ବଡ଼ ପ୍ରମାଣ ସାଜିଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ